RNI No.ODIODI/2010/33031
୧୫ ବର୍ଷ Volume- 15
ISSUE - 300 ସଂଖ୍ୟା-୩୦୦
ଭୁବନେଶ୍ୱର, ଗୁରୁବାର ୧୩, ଫେବୃଆରୀ, ୨୦୨୫
Bhubaneswar, Thursday 13, February, 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ଆଜିଠୁ ବିଧାନସଭା ବଜେଟ ଅଧିବେଶନ

## ବସିଲା ସର୍ବଦଳୀୟ ବୈଠକ, ରାଜ୍ୟପାଳଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୨।୨(ନି.ପ୍ର.): ଆସନ୍ତାକାଲିଠୁ ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହେବ। ବଜେଟ ଅଧିବେଶନରେ ୨୮ଟି କାର୍ଯ୍ୟଦିବସ ରହିଛି। ଏନେଇ ବୁଧବାର ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ଅଧିବେଶନକୁ ସୁରୁଖୁରୁରେ ସାରିବାକୁ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି।

ବିଧାନସଭାର ସର୍ବଦଳୀୟ ବୈଠକ. ପୂର୍ବାହ୍ନ ୧୧ରେ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଶାନ୍ତିଶୃଙ୍ଖଳାର ସହିତ ବଜେଟ୍ ଅଧିବେଶନ ଅନୁଷ୍ଠିତ କରାଯିବା ପାଇଁ ସେନେଇ ବାଚସ୍ପତି ବିରୋଧୀ ଏବଂ ଶାସକ ଦଳ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ଏହି ବୈଠକ ଅନୁରୋଧ କରିଛନ୍ତି।

ବିଧାନସଭା ବଜେଟ ଅଧିବେଶନ ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜଭବନରେ ରାଜ୍ୟପାଳ



ଡକ୍ଟର ହରିବାବୁ କମ୍ଭମପତିଙ୍କୁ ଏକ ସୌଜନ୍ୟ ମୂଳକ ସାକ୍ଷାତ କରିଛନ୍ତି। ବଜେଟ ଅଧିବେଶନ ପ୍ରଥମ ଦିନରେ ରାଜ୍ୟପାଳ ନିଜର ଅଭିଭାଷଣ ରଖିବେ। ସେ ରାଜ୍ୟର ବିକାଶ ଓ ଅଭିବୃଦ୍ଧିର ଚିତ୍ର ରଖିବେ। ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ବିକଶିତ ଓଡିଶାର ନକ୍ସା ମଧ୍ୟ ଉପସ୍ଥାପନ କରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ ପୂରଣ ନେଇ ରାଜ୍ୟପାଳଙ୍କ ଆଲୋଚନା କରିଛନ୍ତି।ଫେବ୍ରୁଆରି ୧୩ ତାରିଖରେ ରାଜ୍ୟପାଳଙ୍କ ଅଭିଭାଷଣ ସହ ଅଧିବେଶନ ଆରମ୍ଭ ହେବ। ଫେବ୍ରୁଆରି ୧୪ ଓ ୧୫ ତାରିଖରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆସିଥିବା ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ହେବ।

ବଜେଟ ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଚାଲିବ। ଫେବ୍ରୁଆରି ୧୩ରୁ ୨୧ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଏବଂ ମାର୍ଚ୍ଚ ୭ରୁ ଏପ୍ରିଲ୍ ୫ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ହେବ। ଫେବ୍ରୁଆରି ୧୭ ତାରିଖରେ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନ ହେବ।

ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦ୍ୱିତୀୟ ଥର ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ। ୧୩ ତାରିଖରେ ରାଜ୍ୟପାଳଙ୍କ ଅଭିଭାଷଣ ସହ ଅଧିବେଶନ ଆରମ୍ଭ ହେବ। ୧୪ ଓ ୧୫ ତାରିଖରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆସିଥିବା ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ହେବ। ମାର୍ଚ୍ଚ ୭ ତାରିଖରେ ବିଭିନ୍ନ ବିଭାଗୀୟ ଷ୍ଟାଣ୍ଡିଂ କମିଟିର ରିପୋର୍ଟ ଉପସ୍ଥାପନ ହେବ।ମାର୍ଚ୍ଚ ୧୦ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ବଜେଟ୍ ଉପରେ ଆଲୋଚନା ହେବ। ମାର୍ଚ୍ଚ ୩୦ ତାରିଖ ରବିବାର ଓ ୩୧ ତାରିଖ ଇଦୁଲଫିତର୍ ପଡୁଥିବାରୁ ୨୯ ତାରିଖରେ ବ୍ୟୟମଞ୍ଜୁରୀ ବିଲ୍ ପାରିତ ହେବ।

## ଭାରତ-ଫ୍ରାନ୍ସ ସିଇଓ ଫୋରମରେ ଯୋଗଦେଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୨।୨(ପିଆଇବି): ବୁଧବାର ଦିନ ଅନୁଷ୍ଠିତ ହୋଇଥିବା ଚତୁର୍ଦ୍ଦଶ ଭାରତ-ଫ୍ରାନ୍ସ ସିଇଓ ଫୋରମରେ ଉଭୟ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ମିଳିତ ଭାବେ ଉଦବୋଧନ ଦେଇଛନ୍ତି। ଏହି ଫୋରମରେ ଉଭୟ ପକ୍ଷର ବିଭିନ୍ନ କମ୍ପାନୀର ଏକାଧିକ ସିଇଓ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରତିରକ୍ଷା, ମହାକାଶ, ବିକଶିତ ପ୍ରଯୁକ୍ତି ବିଦ୍ୟା, ଭିତ୍ତିଭୂମି, କୃତ୍ରିମ ବୁଦ୍ଧିମତା, ଜୀବ ବିଜ୍ଞାନ, ଜୀବନଶୈଳୀ, ଖାଦ୍ୟ ଓ ଆତିଥେୟତା ପରି ବିଭିନ୍ନ ବିଭାଗ ଉପରେ ଆଲୋକପାତ କରାଯାଇଥିଲା।



ଭାରତ ଓ ଫ୍ରାନ୍ସ ଭିତରେ ରହିଥିବା ବାଣିଜ୍ୟିକ ସମ୍ପର୍କ ଓ ଆର୍ଥିକ ସହାୟତା ଉପରେ ନିଜ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ। ପୁଞ୍ଜି ନିବେଶ କ୍ଷେତ୍ରରେ ଭାରତର ଲୋକପ୍ରିୟ ବୈଶ୍ୱିକ ଭାବମୂର୍ତ୍ତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ। ସଦ୍ୟ ଉପସ୍ଥାପିତ ହୋଇଥିବା ବଜେଟର ବିଭିନ୍ନ ସଂସ୍କାରଧର୍ମୀ ଘୋଷଣା ଅନୁସାରେ ବୀମା କ୍ଷେତ୍ରରେ ଭାରତରେ ଶତ ପ୍ରତିଶତ ପୁଞ୍ଜି ନିବେଶ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଏସଏମଆର ଓ ଏଏମଆର ଯାନ୍ତ୍ରିକ ବିଦ୍ୟା ସହ ବେସାମରିକ ଆଣବିକ ଶକ୍ତି କ୍ଷେତ୍ରରେ ଘରୋଇ ପ୍ରବେଶ, ଉତ୍ପାଦଗୁଡିକର ମୂଲ୍ୟରେ ସରଳୀକରଣ, ଭଲ ଜୀବନଧାରଣ ପାଇଁ ସରଳୀକୃତ ଆୟକର କୋଡ ପ୍ରଚଳନ ପରି ବିଭିନ୍ନ ଦିଗ ଉପରେ ଏହି ଅବସରରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ । ବିଭିନ୍ନ ଆର୍ଥିକ ସଂସ୍କାର ଉପରେ ପ୍ରାଧାନ୍ୟ ଦେଇ ତାଙ୍କ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ଗତ କିଛି ବର୍ଷ ଭିତରେ ଏପ୍ରକାର ପ୍ରାୟ ୪୦ ହଜାରରୁ ଊର୍ଦ୍ଧ୍ୱ କାର୍ଯ୍ୟ କରାଯାଇଥିବା ଉଲ୍ଲେଖ କରାଯାଇଛି। ପ୍ରତିରକ୍ଷା, ଶକ୍ତି, ଜାତୀୟ ରାଜପଥ, ବେସାମରିକ ବିମାନ ଚଳାଚଳ, ମହାକାଶ, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ କ୍ଷେତ୍ରରେ ଭାରତର ପ୍ରଗତି ପ୍ରତି ଫରାସୀ କମ୍ପାନୀଗୁଡିକ ଦୃଷ୍ଟି ଦେବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । କୃତ୍ରିମ ବୁଦ୍ଧିମତା, ସେମି କଣ୍ଡକ୍ଟର, କ୍ୱାଂଟମ, ଖଣି ଓ ହାଇଡ୍ରୋଜେନ ମିଶନ ପରି କ୍ଷେତ୍ରରେ ଭାରତର ଦକ୍ଷତା ଓ ବୈଶ୍ୱିକ ପ୍ରଶଂସା ପ୍ରତି ବିଶେଷ ଦୃଷ୍ଟି ଦେବାକୁ ଫରାସୀ ଉଦ୍ୟୋଗପତିଙ୍କୁ ପ୍ରଧାନମନ୍ତ୍ରୀ କହିଛନ୍ତି। ଏସବୁ କ୍ଷେତ୍ରରେ ଉଭୟ ଦେଶର ଗବେଷଣା, ପୁଞ୍ଜି ନିବେଶ ଓ ଯାନ୍ତ୍ରିକ ସହଭାଗିତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି ।

ଏହି ସିଇଓ ଫୋରମକୁ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଏସ. ଜୟଶଙ୍କର, ଫ୍ରାନ୍ସ ପ୍ରତିପକ୍ଷ ଜିନ ନୋଏଲ ବାରୋଟ ଏବଂ ଫ୍ରାନ୍ସର ଶିଳ୍ପ ଓ ଅର୍ଥମନ୍ତ୍ରୀ ଏରିକ ଲମ୍ବାର୍ଡ ପ୍ରମୁଖ ସମ୍ବୋଧନ କରିଥିଲେ।

# କନିଷ୍ଠ ଶିକ୍ଷକଙ୍କ ଦରମା ବଢ଼ିଲା

ଭୁବନେଶ୍ୱର,୧୨।୨(ନି.ପ୍ର.): କନିଷ୍ଠ ଶିକ୍ଷକ (ସ୍କିମାଟିକ୍) ପାଇଁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ସ୍ୱରୂପ ଓଡ଼ିଶା ସରକାର ଶିକ୍ଷକମାନଙ୍କ ମାସିକ ଦରମାରେ ୪,୯୦୦ ଟଙ୍କା ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଫେବ୍ରୁଆରି ୧୨ ତାରିଖରେ ଏକ ପ୍ରସ୍ତାବରେ, ଓଡ଼ିଶା ସରକାରଙ୍କ ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ସେମାନଙ୍କର ପାରିଶ୍ରମିକ ୧୧,୧୦୦ ଟଙ୍କାରୁ ୧୬,୦୦୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ବିଜ୍ଞପ୍ତି ଜାରି କରିଛନ୍ତି।

ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି, ସରକାର ସତର୍କତାର ସହିତ ବିଚାର କରିବା ପରେ ସମଗ୍ର ଶିକ୍ଷା ଯୋଜନାରେ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିୟୋଜିତ କନିଷ୍ଠ ଶିକ୍ଷକଙ୍କ ମାସିକ ଦରମା ବୃଦ୍ଧି କରିଛନ୍ତି। ଏନେଇ ସ୍କୁଲ ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୋସିଆଲ ମିଡିଆ। ଏକ୍ସରେ ପୋଷ୍ଟ କରିଛନ୍ତି ଯେ, ସମଗ୍ର ଶିକ୍ଷା ଅଧୀନରେ ପ୍ରାଥମିକ ବିଦ୍ୟାଳୟରେ କାମ କରୁଥିବା କନିଷ୍ଠ ଶିକ୍ଷକ (ସ୍କିମାଟିକ)ଙ୍କ ଦରମା ୧୧,୦୦୦ ରୁ ୧୬,୦୦୦କୁ ବୃଦ୍ଧି କରାଯାଇଛି। ସେଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଉଛି। ଏହି ନିଷ୍ପତ୍ତି ଶିକ୍ଷାଦାତାଙ୍କୁ ସଶକ୍ତ କରିବା ସହ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବ। ସେଥିପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ MohanMOdisha ଙ୍କୁ ଧନ୍ୟବାଦ ଜଣାଉଛି। ଏହି ନିଷ୍ପତ୍ତି ଶିକ୍ଷାଦାତାଙ୍କୁ ସଶକ୍ତ କରିବା ସହ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବ।

ସଂଶୋଧିତ ପାରିଶ୍ରମିକ ହାର ସଂକଳ୍ପ ଜାରି ହେବା ତାରିଖରୁ କାର୍ଯ୍ୟକାରୀ ହେବ।ଏହା ଅର୍ଥ ବିଭାଗର ସହମତିରେ କରାଯାଇଛି। ଏହି ସଂକଳ୍ପ ଓଡ଼ିଶା ଗେଜେଟର ଏକ ଅସାଧାରଣ ସଂଖ୍ୟାରେ ପ୍ରକାଶିତ ହେବ। ଜାନୁଆରି ୧୭ ତାରିଖରେ, ଓଡ଼ିଶା ମୁଖ୍ୟମନ୍ତ୍ରୀ ଏହି ପ୍ରସ୍ତାବକୁ ଗ୍ରହଣ କରିଥିଲେୟ ବୁଧବାର ଏହାର ସଂକଳ୍ପ ପ୍ରକାଶିତ ହୋଇଛି।

## ଯୁକ୍ତ ଦୁଇ ପରୀକ୍ଷା ପାଇଁ ହବକୁ ଗଲା ପ୍ରଶ୍ନ ପତ୍ର

ଭୁବନେଶ୍ୱର,୧୨।୨(ନି.ପ୍ର.):ଆଜିଠୁ ପରୀକ୍ଷା ହବକୁ ଗଲା ଯୁକ୍ତ ୨ ପରୀକ୍ଷା ପ୍ରଶ୍ନ ପତ୍ର। ଚଳିତ ବର୍ଷ ୨୦୫ ପରୀକ୍ଷା ହବ ହୋଇଛି। ଆସନ୍ତା ୧୮ରୁ ହେବାକୁ ଥିବା ଯୁକ୍ତ ୨ ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ୧୦ଟି ରୁଟ ଦେଇ ଗଲା ପରୀକ୍ଷା ପ୍ରଶ୍ନପତ୍ର।କଡାକଡି ସୁରକ୍ଷା ବ୍ୟବସ୍ଥା ଭିତରେ ପରୀକ୍ଷା ହବକୁ ଗଲା ପ୍ରଶ୍ନ ପତ୍ର। ୩ ଲକ୍ଷ ୯୩ ହଜାର ୬୧୮ ପରୀକ୍ଷାର୍ଥୀ ଦେବେ ପରୀକ୍ଷା। ଆଜି ଦକ୍ଷିଣ ଓଡିଶା ଓ ପଶ୍ଚିମ ଓଡିଶା ଅଧିନରେ ଆସୁଥିବା ପରୀକ୍ଷା ହବ ଗୁଡିକୁ ଗଲା ପରୀକ୍ଷା ପ୍ରଶ୍ନ ପତ୍ର।

# ଦଙ୍ଗା ମାମଲାରେ ସଜ୍ଜନ କୁମାର ଦୋଷୀ

ନୂଆଦିଲ୍ଲୀ,୧୨।୨(ନି.ପ୍ର.): ଶିଖ ବିରୋଧୀ ଦଙ୍ଗା ମାମଲାରେ କଂଗ୍ରେସ ନେତା ସଜ୍ଜନ କୁମାରଙ୍କୁ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି । ହତ୍ୟା ମାମଲାରେ ସଜ୍ଜନ କୁମାରଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ମିଳିଥିବା ସୂଚନା ମୁତାବକ, ଏବେ ଏହି ମାମଲାରେ ୧୮ ଫେବୃଆରୀରେ ଦଣ୍ଡ ଘୋଷଣା କରାଯିବ। ଜାଣିରଖିବା ଉଚିତ ଯେ, ଏହି ମାମଲା ସରସ୍ୱତୀ ବିହାରରେ ହୋଇଥିବା ବାପା ଏବଂ ପୁଅଙ୍କ ହତ୍ୟା ସହିତ ଜଡିତ, ସଜ୍ଜନ କୁମାର ବର୍ତ୍ତମାନ ଆଜୀବନ କାରାଦଣ୍ଡ ଭୋଗୁଛନ୍ତି।



ତେବେ ୧୯୮୪ ଶିଖ ବିରୋଧୀ ଦଙ୍ଗା ମାମଲାରେ ପୂର୍ବତନ କଂଗ୍ରେସ ସାଂସଦ ସଜ୍ଜନ କୁମାରଙ୍କ ଦୋଷୀ ସାବ୍ୟସ୍ତ ହେବା ଉପରେ ଦିଲ୍ଲୀ ଶିଖ ଗୁରୁଦ୍ୱାର ପରିଚାଳନା କମିଟିର ସାଧାରଣ ସମ୍ପାଦକ ଜଗଦୀପ ସିଂହ କହିଛନ୍ତି, ୪୦ ବର୍ଷ ପୂର୍ବେ ଶିଖ ହତ୍ୟାକାଣ୍ଡର ନେତୃତ୍ୱ ନେଇଥିବା ସଜ୍ଜନ କୁମାରଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି ଏବଂ ତାଙ୍କୁ ଦଣ୍ଡ ଦିଆଯିବ । ଏଥିପାଇଁ ମୁଁ କୋର୍ଟକୁ ଧନ୍ୟବାଦ ଦେଉଛି । କ୍ଷମତାକୁ ଆସିବା ପରେ ଏସ୍ଆଇଟି ଗଠନ କରିବା ପାଇଁ ମୁଁ ପ୍ରଧାନମନ୍ତ୍ରୀ ମୋଦି ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଧନ୍ୟବାଦ ଦେଉଛି। ଏହାବନ୍ଦ ହୋଇଥିବା ମାମଲାର ପୁନଃ ତଦନ୍ତର ଫଳାଫଳ । ଆମେ ଆଶା କରୁଛୁ ଯେ ଜଗଦୀଶ ଟାଇଟଲର ମାମଲାରେ ମଧ୍ୟ ଆମେ ନ୍ୟାୟ ପାଇବୁ।

ସେପଟେ ବିଜେପି ନେତା ମଞ୍ଜିନ୍ଦର ସିଂହ ସିରସା କହିଛନ୍ତି ଯେ ଆଜି ସଜ୍ଜନ କୁମାରଙ୍କୁ ଶିଖ ବିରୋଧୀ ଦଙ୍ଗା ସହିତ ଜଡିତ ଆଉ ଏକ ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଛି। କୋର୍ଟ ତାଙ୍କୁ ଦୋଷୀ ବୋଲି କହିଥିଲେୟ ସେମାନେ ନରସଂହାର କରିଥିଲେ। କଂଗ୍ରେସର ସମସ୍ତ ପାପ ସାମ୍ନାକୁ ଆସୁଛିୟ ମୁଁ ଦେଶର ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି ଯିଏ ଏସ୍ଆଇଟ ଗଠନ କରିଥିଲେ ଏବଂ ଏହି ଲୋକମାନଙ୍କୁ ଜେଲରେ ରଖିଥିଲେ। ଭଗବାନ ଆଜି ନ୍ୟାୟ ଦେଲେ।

# ରହିତାଦେଶ ଜାରି କଲେ ହାଇକୋର୍ଟ

କଟକ,୧୨।୨(ନି.ପ୍ର.): ଆପାର୍ଟମେଣ୍ଟ ପଞ୍ଜିକରଣ ସମ୍ପର୍କିତ ବିଜ୍ଞପ୍ତି ଉପରେ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି । ଗୃହ ଓ ନଗର ନିର୍ମାଣ ବିଭାଗ ଦ୍ୱାରା ଅଣାଯାଇଥିବା ବିଜ୍ଞପ୍ତି ଉପରେ ହାଇକୋର୍ଟଙ୍କ ପକ୍ଷରୁ ରହିତାଦେଶ ଜାରି ହୋଇଛି। ଗତ ଫେବ୍ରୁଆରୀ ପହିଲାରେ ବିଭାଗ ପକ୍ଷରୁ ଏହି ବିଜ୍ଞପ୍ତି ଜାରି କରାଯାଇଥିଲା।

ବିଜ୍ଞପ୍ତି ଅନୁସାରେ ୨୦୧୭ ମସିହା ପୂର୍ବରୁ ନିର୍ମାଣ ସରିଥିବା ଆପାର୍ଟମେଣ୍ଟ ଗୁଡ଼ିକର ପଞ୍ଜିକରଣ ହେବ। ବିନା ଆପାର୍ଟମେଣ୍ଟ ଆଇନ୍ ଅନୁଯାୟୀ ଏହା କରିହେବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଥିଲା ।କିନ୍ତୁ ରେରା ଆଇନ୍ ଆସିବା ପୂର୍ବରୁ ଶେଷ ହୋଇଥିବା ଆପାର୍ଟମେଣ୍ଟ ମଧ୍ୟ ରେରା ଆଇନ୍ ପରିସରଭୁକ୍ତ ହେବାର ଆବଶ୍ୟକତା ଅଛି ବୋଲି ଆବେଦନକାରୀ ବିମଳେନ୍ଦୁ ପ୍ରଧାନଙ୍କ ପକ୍ଷରୁ ହାଇକୋର୍ଟଙ୍କ ସମ୍ମୁଖରେ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ଏହାକୁ ହାଇକୋର୍ଟଙ୍କ ଖଣ୍ଡପୀଠ ଗ୍ରହଣ କରିବା ସହିତ ସରକାରୀ ବିଜ୍ଞପ୍ତି ଉପରେ ରୋକ ଲାଗୁ କରିଛନ୍ତି। ଏହା ସହିତ ଆସନ୍ତା ବୁଧବାର ସୁଦ୍ଧା ଜବାବ ରଖିବା ଲାଗି ନଗର ଉନ୍ନୟନ ବିଭାଗକୁ ହାଇକୋର୍ଟଙ୍କ ଖଣ୍ଡପୀଠଙ୍କ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି । ଆସନ୍ତା ବୁଧବାର ଫେବ୍ରୁଆରି ୧୯ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ହାଇକୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି।

## ଟ୍ୟାବରେ ପଢିବେ ବିଧାୟକ

ଭୁବନେଶ୍ୱର,୧୨।୨(ନି.ପ୍ର.): ଏଣିକି ସ୍ମାର୍ଟ ହେବେ ବିଧାୟକ । ବିଧାନସଭାରେ ଆଉ ପେପର ନୁହେଁ, ବିଧାୟକମାନେ ଟ୍ୟାବରେ ପଢିବେ। ନେଭା ପକ୍ଷରୁ ଏହି ଏହି ବ୍ୟବସ୍ଥା କରାଯାଇଛି। ବିଧାନସଭାର ୧୪୭ ବିଧାୟକଙ୍କ ଆସନ ସାମ୍ନାରେ ଟ୍ୟାବ୍ ଲଗାଯାଇଛି। ଆସନ୍ତା ୧୩ ତାରିଖରୁ ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ଆରମ୍ଭ ହେବ। ଅପ୍ରେଲ ୫ ପର୍ଯ୍ୟନ୍ତ ୨ଟି ପର୍ଯ୍ୟାୟରେ ଅଧିବେଶନ ଚାଲିବ। ପ୍ରଥମ ପର୍ଯ୍ୟାୟ ୧୩ରୁ ୨୧ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୭ରୁ ଅପ୍ରେଲ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ୧୭ ତାରିଖରେ ରାଜ୍ୟ ବଜେଟ୍ ଉପସ୍ଥାପନ ହେବ। ବିଧାନସଭା ଅଧିବେଶନ କାଳରେ ଯାନବାହନ ଚଳାଚଳ ଓ ନିରାପତ୍ତାକୁ ଦୃଷ୍ଟିରେ ରଖି ବିଧାନସଭା ସଂଲଗ୍ନ ରାସ୍ତାରେ କମିସନରେଟ ପୁଲିସ ପକ୍ଷରୁ ଟ୍ରାଫିକ କଟକଣା ଜାରି କରାଯାଇଛି।

## ଆଖି ବୁଜିଲେ ଅଯୋଧ୍ୟା ରାମ ମନ୍ଦିରର ମୁଖ୍ୟ ପୂଜକ

ଲକ୍ଷ୍ନୌ,୧୨।୨(ନି.ପ୍ର.): ଆଉ ନାହାନ୍ତି ଅଯୋଧ୍ୟା ରାମ ମନ୍ଦିରର ମୁଖ୍ୟ ପୂଜକ । ୮୫ ବର୍ଷ ବୟସରେ ପୂଜକ ସତେନ୍ଦ୍ର ଦାସଙ୍କ ପରଲୋକ। ବ୍ରେନ ଷ୍ଟୋକ ପରେ ଫେବ୍ରୁଆରୀ ୩ ତାରିଖରୁ ଲକ୍ଷ୍ନୌ ପିଜିଆଇ ହସ୍ପିଟାଲରେ ସତେନ୍ଦ୍ରଙ୍କ ଚିକିତ୍ସା ଚାଲିଥିଲା। ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବା ପରେ ତାଙ୍କୁ ନ୍ୟୁରୋଲୋଜି ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଆଉ ଶେଷରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି ସତେନ୍ଦ୍ର ଦାସ। ତାଙ୍କ ବିୟୋଗରେ ଉତ୍ତରପ୍ରଦେଶ ସରକାର ଶୋକ ବ୍ୟକ୍ତ କରିଛନ୍ତି ।

ତେବେ ଦୀର୍ଘ ୩୩ ବର୍ଷ ଧରି ରାମ ମନ୍ଦିରର ସେବା କରି ଆସୁଛନ୍ତି ସତେନ୍ଦ୍ର ।୧୯୪୫ରେ ସନ୍ତକବୀରନଗର ଜିଲ୍ଲାରେ ସତ୍ୟେନ୍ଦ୍ର ଦାସଙ୍କ ଜନ୍ମ ହୋଇଥିବା ବେଳେ ବାପା ଅଭିରାମ ଦାସଙ୍କଠୁ ପ୍ରଭାବିତ ହୋଇ ପ୍ରଭୁ ରାମଙ୍କ ଭକ୍ତ ହୋଇଥିଲେ ସେ । ପରେ ପ୍ରଭୁଙ୍କ ସେବା ପାଇଁ ଘରଦ୍ୱାରା ଛାଡି ଆଶ୍ରମରେ ସନ୍ନ୍ୟାସ ଜୀବନ ଗ୍ରହଣ କରିଥିଲେ । ୧୯୯୨ ମସିହାରେ ରାମମନ୍ଦିର ପୂଜକ ଭାବେ ଦାୟିତ୍ୱ ନେଲେ। ପ୍ରାୟ ୩ ଦଶନ୍ଧି ଧରି ରାମମନ୍ଦିର ପୂଜକ ଥିଲେ ସତେନ୍ଦ୍ର। ସେ ଅଯୋଧ୍ୟା ରାମମନ୍ଦିର ଆନ୍ଦୋଳନରେ ପ୍ରମୁଖ ଭୂମିକା ତୁଲାଇଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ମନ୍ଦିର ପୂଜକ ଭାବେ ତାଙ୍କୁ ଯେତେବେଳେ ରଖାଗଲା ସେତେବେଳେ ସେ ମାସକ ମାତ୍ର ୧୦୦ ଟଙ୍କା ଦରମା ନେଉଥିଲେ । ପରେ ୨୦୧୮ରେ ୧୨ ହଜାର ଟଙ୍କା ଏବଂ ୨୦୧୯ରେ ୧୩ ହଜାର ଟଙ୍କା ଦରମା ଦିଆଗଲା ।

## ଆତଙ୍କମୁକ୍ତ ଜାମ୍ମୁ-କାଶ୍ମୀର ପାଇଁ ସରକାର ପ୍ରତିବଦ୍ଧ : ଶାହ

ନୂଆଦିଲ୍ଲୀ,୧୨।୨(ନି.ପ୍ର.): କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଜାମ୍ମୁ-କାଶ୍ମୀରରେ ସୁରକ୍ଷା ପରିଦୃଶ୍ୟର ସମୀକ୍ଷା ପାଇଁ ନୂଆଦିଲ୍ଲୀରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିଥିଲେ। ୨୦୨୫ ମସିହା ଫେବୃଆରୀ ୪ ଏବଂ ୫ ତାରିଖରେ ଭାରତୀୟ ସେନା ଏବଂ ଜାମ୍ମୁ-କାଶ୍ମୀର ପୁଲିସ ସହିତ ହୋଇଥିବା ଉଚ୍ଚସ୍ତରୀୟ ବୈଠକକୁ ଦୃଷ୍ଟିରେ ରଖି ଏହି ବୈଠକ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ଗୃହ ସଚିବ, ନିର୍ଦ୍ଦେଶକ (ଆଇ. ବି.), କେନ୍ଦ୍ରୀୟ ରିଜର୍ଭ ପୋଲିସ୍ ଫୋର୍ସ (ସି.ଆର୍. ପି. ଏଫ୍.) ଏବଂ ସୀମା ସୁରକ୍ଷା ବାହିନୀ (ବି. ଏସ୍. ଏଫ୍.) ର ମହାନିର୍ଦ୍ଦେଶକ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଯୋଗ ଦେଇଥିଲେ।



କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର 'ଆତଙ୍କ ମୁକ୍ତ ଜାମ୍ମୁ-କାଶ୍ମୀର ପାଇଁ ପ୍ରତିଶ୍ରୁତିବଦ୍ଧ। ଆତଙ୍କବାଦ ମୁକ୍ତ ଜାମ୍ମୁ-କାଶ୍ମୀରର ଲକ୍ଷ୍ୟ ହାସଲ କରିବା ଲାଗି ଅର୍ଦ୍ଧସାମରିକ ବାହିନୀର ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅନ୍ତର୍ଜାତୀୟ ସୀମାରୁ ଶୂନ୍ୟ ଅନୁପ୍ରବେଶ ସୁନିଶ୍ଚିତ କରିବା ଲାଗି, କଡ଼ା ନଜର ରଖିବା, ସୀମା ଗ୍ରୀଡକୁ ସୁଦୃଢ଼ କରିବା ଏବଂ ତଦାରଖ ତଥା ସୀମା ସୁରକ୍ଷା ପାଇଁ ଉନ୍ନତ ପ୍ରଯୁକ୍ତିର ଉପଯୋଗ କରିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ବି.ଏସ୍.ଏଫ୍.କୁ ନିର୍ଦ୍ଦେଶ ଦେଇଥିଲେ। ଅମିତ ଶାହ ସି.ଆର୍ ପି.ଏଫ୍‌କୁ ଭାରତୀୟ ସେନା ଏବଂ ଜାମ୍ମୁ-କାଶ୍ମୀର ପୋଲିସ ସହିତ ସମନ୍ୱୟ ଜାରି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ସି.ଆର୍.ପି.ଏଫ୍. ର ଶୀତକାଳୀନ କାର୍ଯ୍ୟ ଯୋଜନାର ସମୀକ୍ଷା କରିଥିଲେ ଏବଂ ଏହି କ୍ଷେତ୍ରରେ କୌଣସି ଶୂନ୍ୟସ୍ଥାନ ନ ରହୁ ବୋଲି ସୁନିଶ୍ଚିତ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଶ୍ରୀ ଶାହ ଜାମ୍ମୁ ଅଞ୍ଚଳ ଉପରେ ଧ୍ୟାନ କେନ୍ଦ୍ରିତ କରିବା ଏବଂ ଉଚ୍ଚତାଗୁଡ଼ିକ ଉପରେ ପ୍ରାଧାନ୍ୟ ବିସ୍ତାର କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ।

# କେରଳରେ ରାଗିଂର ଭୟଙ୍କର ଚିତ୍ର

ଥିରୁଓ୍ୱନ୍ତପୁରମ,୧୨।୨(ନି.ପ୍ର.): କେରଳର ଏକ ମେଡିକାଲ କଲେଜରୁ ଆସିଛି ରାଗିଂର ଭୟାବହ ଚିତ୍ର । ରାଗିଂ ନାଁରେ ଜୁନିୟର ଛାତ୍ରଙ୍କ ସହ ଅମାନବୀୟ କାଣ୍ଡ କରିଛନ୍ତି ସିନିୟର ଛାତ୍ର। ପ୍ରଥମ ଛାତ୍ରଙ୍କୁ ତୃତୀୟ ବର୍ଷର ଛାତ୍ରମାନେ ଅକଥନୀୟ ଭାବେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଘଟଣାରେ ୫ ଜଣ ଛାତ୍ରଙ୍କୁ ଗିରଫ କରାଯାଇଛି। ବାରମ୍ବାର ଆମ ରାଜ୍ୟ ଓଡ଼ିଶା ସମେତ ଦେଶର ବିଭିନ୍ନ ସ୍ଥାନରେ ରାଗିଂର ଭୟଙ୍କର ଚିତ୍ର ସାମ୍ନାକୁ ଆସିବାରେ ଲାଗିଛି।



କିନ୍ତୁ ଏବେ ସାମ୍ନାକୁ ଆସିଥିବା ରାଗିଂ ଖବର ଅତ୍ୟନ୍ତ ବିଚଳିତ କରିବା ଭଳିୟ ରାଗିଂର ସବୁ ସୀମା ପାର କରାଯାଇଛନ୍ତି କିଛି ଛାତ୍ରୟ ସେମାନେ ନିଜ କଲେଜର ଜୁନିୟର ଛାତ୍ରଙ୍କୁ ଅତ୍ୟନ୍ତ ଅମାନବୀୟ ଢଙ୍ଗରେ ରାଗିଂ କରିଛନ୍ତିୟ ଜୁନୟର ଛାତ୍ରଙ୍କୁ କିଛି ସିନିୟର ରାଗିଂ କରିବା ଉଦ୍ଦେଶ୍ୟରେ ସଂପୂର୍ଣ୍ଣ ଉଲଗ୍ନ କରିଛନ୍ତିୟ ସେମାନଙ୍କ ଗୁପ୍ତାଙ୍ଗରେ ଓଜନ ଦାର ଡମ୍ବେଲ୍ସକୁ ବାନ୍ଧି ଝୁଲାଇଛନ୍ତିୟ ଜେମୋଟ୍ରୀ ବକ୍ସ କମ୍ପାସରେ ସେମାନଙ୍କୁ ଆଘାତ ଦେବା ସହ ପ୍ରବଳ ମାଡ଼ ମାରିଛନ୍ତିୟ ଦିନେ କି ସପ୍ତାହେ ନୁହେଁ, ୩ ମାସ ଧରି ଜୁନିୟରମାନଙ୍କୁ ଏପରି ନିର୍ଯାତନା ମିଳୁଥିଲା। କେରଳ ଗୋଟିଏ ସରକାରୀ କଲେଜରେ ରାଗିଂର ଏପରି ଭୟଙ୍କର ତଥ୍ୟ ସମସ୍ତଙ୍କୁ ସ୍ତବ୍ଧ କରି ଦେଇଛି। ଏଠାରେ ତୃତୀୟ ବର୍ଷର ୫ ଜଣ ନର୍ସିଂ ଛାତ୍ର ସେମାନଙ୍କ ଜୁନିୟରମାନଙ୍କୁ ମାସାଧିକ କାଳ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଚାଲିଥିଲେ। କୋଟ୍ଟାୟାମ ସ୍ଥିତ ସରକାରୀ ନର୍ସିଂ କଲେଜରେ ଏପରି ଘଟଣା ଘଟିଛି। ଏଠାରେ ପଢୁଥିବା ୩ ଜଣ ପ୍ରଥମ ବର୍ଷର ଛାତ୍ର ରାଗିଂ ନେଇ କୋଟ୍ଟାୟାମ ଗାନ୍ଧିନଗର ପୁଲିସ୍ ନିକଟରେ ଅଭିଯୋଗ କରିବା ପରେ ପୂରା ତଥ୍ୟ ସାମ୍ନାକୁ ଆସିଛି। ରାଗିଂର କଳା କାହାଣୀ ୨୦୨୪ ନଭେମ୍ବର ମାସରୁ ଆରମ୍ଭ ହୋଇଥିଲା ଓ ଏହା ପ୍ରାୟ ୩ ମାସ ଧରି ଜାରି ରହିଥିଲା।

ପ୍ରଥମ ବର୍ଷର ୩ ଜଣ ଛାତ୍ରଙ୍କ ଅଭିଯୋଗ ପରେ ରାଗିଂରେ ସାମିଲ ଥିବା ୫ ସିନିୟରଙ୍କୁ କଲେଜରୁ ନିଲମ୍ବିତ କରାଯାଇଛି। ସେହିପରି ରାଗିଂ ବିରୋଧୀ ଆଇନ ଅଧୀନରେ ସେମାନଙ୍କୁ ଗିରଫ କରାଯାଇଛି। ପୁଲିସର କହିବା କଥା ଯେ ପ୍ରଥମ ବର୍ଷର ଛାତ୍ରମାନଙ୍କୁ ଉଲଗ୍ନ କରି ଛିଡ଼ା କରାଯାଉଥିଲା ଓ ସିନିୟରମାନେ ସେମାନଙ୍କ ଗୁପ୍ତାଙ୍ଗରେ ଡମ୍ବେଲ୍ସ ଝୁଲାଉଥିଲେ। ସେମାନଙ୍କୁ କମ୍ପାସ ଓ ଅନ୍ୟାନ୍ୟ ଧାରୁଆ। ଜିନିଷରେ ଆଘାତ ଦିଆଯାଉଥିଲା। ନିର୍ଯାତନା ଏତିକିରେ ବନ୍ଦ ହେଉ ନଥିଲା। କ୍ଷତ ଚିହ୍ନରେ ବିଭିନ୍ନ ପ୍ରକାରର ଲୋସନ ଲଗା ଯାଉଥିଲା। ଏହାଦ୍ୱାରା ପିଲାମାନେ ଅଧିକ ଯନ୍ତ୍ରଣା ଅନୁଭବ କରୁଥିଲେ। ଯନ୍ତ୍ରଣା ସହି ନ ପାରି ଯଦି କେହି ଚିତ୍କାର କରୁଥିଲେ, ସେମାନଙ୍କ ପାଟି ଭିତରେ ବି ବଳପୂର୍ବକ ଲୋସନକୁ ଭର୍ତ୍ତି କରିଦିଆଯାଉଥିଲା। ଭୟଙ୍କର ରାଗିଂ ଦୃଶ୍ୟକୁ ସିନିୟରମାନେ ମୋବାଇଲରେ ରେକର୍ଡ କରୁଥିଲେ। ଯଦି ସେମାନେ ଏ ସମ୍ପର୍କରେ ଅଭିଯୋଗ କରିବେ, ତା'ହେଲେ ଏହାର ପରିଣାମ ଭୟଙ୍କର ହେବ ବୋଲି ଧମକ ବି ଦେଉଥିଲେ। ଅଭିଯୋଗରେ ଆହୁରି କୁହାଯାଇଛି ଯେ ସିନିୟରମାନେ ନିୟମିତ ଭାବେ ଜୁନିୟର ଛାତ୍ରମାନଙ୍କ ଠାରୁ ରବିବାର ଟଙ୍କା ଆଦାୟ କରନ୍ତି। ଏହି ଟଙ୍କାରେ ସେମାନେ ମଦ ଆଣି ପିଅନ୍ତି। ଯେଉଁମାନେ ଟଙ୍କା ଦେବାକୁ ମନା କରନ୍ତି, ସେମାନଙ୍କୁ ସିନିୟରମାନେ ମାଡ଼ ମାରନ୍ତି। ବେଶ କିଛି ମାସ ଧରି ଏପରି ଚାଲିଥିବା ବେଳେ ନିର୍ଯାତନା ସହି ନ ପାରି ଜଣେ ପିଲା ତାଙ୍କ ବାପାଙ୍କୁ ସବୁ କଥା କହିଥିଲେ।ବାପାଙ୍କ ପରାମର୍ଶ ପରେ ସେ ପୁଲିସ୍ରେ ଅଭିଯୋଗ କରିଥିଲେ। ତାଙ୍କୁ ଦେଖି ଆଉ ୨ ଜଣ ପ୍ରଥମ ବର୍ଷର ଛାତ୍ର ମଧ୍ୟ ରାଗିଂ ସମ୍ପର୍କରେ ପୁଲିସକୁ ଜଣାଇଥିଲେ।

## ଦୁର୍ଘଟଣାରେ ଚାଲିଗଲା ୩ ଜୀବନ

କୋଣାର୍କ,୧୨।୨(ନି.ପ୍ର.); କୋଣାର୍କ-କାକଟପୁର ମୁଖ୍ୟ ରାସ୍ତା ବଢେଇଛକ ନିକଟରେ ମଙ୍ଗଳବାର ବିଳମ୍ବିତ ରାତ୍ରରେ ଏକ ମଟର ସାଇକେଲ ଦୁର୍ଘଟଣାରେ ୩ ଜଣ ଯୁବକ ମୃତ୍ୟୁ ବରଣ କରିଥିବା ଜଣାପଡିଛି। ମୃତ ଯୁବକମାନେ ଚରିଛକ ଥାନା ଅଧିନ ତୁଳସୀପୁର ଅଞ୍ଚଳର।

ପ୍ରାପ୍ତ ସୂଚନା ମୁତାବକ ମଙ୍ଗଳବାର ବିଳମ୍ବିତ ରାତ୍ରରେ ଚରିଛକ ଥାନା ଅଧୀନ ଦଣ୍ଡିକେରା ଗ୍ରାମର ସାଗର ମଲ୍ଲିକ (୧୯ବର୍ଷ), ଦିପୁ ମଲ୍ଲିକ (୨୦ବର୍ଷ) ନିଆଳି ଥାନା ଅଧୀନ ମଠୁରୀଡିହ ଗ୍ରାମର ଜୟପ୍ରକାଶ ସାହୁ (୧୯ବର୍ଷ)ଏକ ମଟର ସାଇକେଲ ନଂ (ଓଡି-୦୨-ଏଟି-୫୧୯୦)ରେ କୋଣାର୍କ ବୁଲି ଆସି ନିଜ ଘରକୁ ଫେରୁଥିବା ବେଳେ କୋଣାର୍କ - କାକଟପୁର୍ ମୁଖ୍ୟ ରାସ୍ତାର ବଢେଇ ଛକ ରାସ୍ତା ପାର୍ଶ୍ୱରେ ଥିବା ଏକ ସିମେଣ୍ଟ ପିଣ୍ଡିରେ ଭାରସାମ୍ୟ ହରାଇ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ତିନି ଯୁବକ ମୁମୂର୍ଷ ଅବସ୍ଥାରେ ପଡ଼ିରହିଥିବା ବେଳେ ଖବର ପାଇ ଚମ୍ପାହର ଅଗ୍ନିଶମ ବାହିନୀ ଯୁବକ ମାନଙ୍କୁ ଉଦ୍ଧାର କରି ଗୋପ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଡାକ୍ତର ସେଠାରେ ୨ଜଣଙ୍କୁ ମୃତ ଘୋଷଣା କରିବା ବେଳେ ଆଉଜଣେ ଗୁରୁତରଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରିଥିଲେ। ହଲେ ସେ ଭୁବନେଶ୍ୱର ଯିବା ବାଟରେ ତାଙ୍କର ମୃତ୍ୟୁ ହୋଇଯାଥିଲା। ଘଟଣା ସ୍ଥଳରେ କୋଣାର୍କ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ମୃତଶରୀରକୁ ବ୍ୟବଛେଦ ନିମନ୍ତେ ଚରିଛକ ପଠାଇ ଥିବା ବେଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାପଡିଛି।



## ବୈଷ୍ଣବ ପରିଡ଼ାଙ୍କ ଜୟନ୍ତୀ ସମାରୋହ ୧୫ରେ ଦଣ୍ଡପାଣି ମହାପାତ୍ରଙ୍କୁ 'ବୈଷ୍ଣବ ପରିଡ଼ା ସ୍ମୃତି ସମ୍ମାନ'

ଭୁବନେଶ୍ୱର, ୧୨।୨: ବିଶିଷ୍ଟ ରାଜନୀତିଜ୍ଞ, ସୁସାହିତ୍ୟିକ ତଥା 'ଭାଷା ସୁରକ୍ଷା ସମ୍ମିଳନୀ'ର ପ୍ରତିଷ୍ଠାତା ସ୍ୱର୍ଗତ ବୈଷ୍ଣବ ପରିଡ଼ାଙ୍କ ୮୪ତମ ଜୟନ୍ତୀ ସମାରୋହ ଆସନ୍ତା ଫେବୃଆରୀ ୧୫ ତାରିଖ, ଶନିବାର ସନ୍ଧ୍ୟା ଘ.୫.୩୦ମିନିଟ୍‌ରେ ସ୍ଥାନୀୟ ଲୋହିଆ ଏକାଡେମୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହେବ । ଏଥିରେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେବାକୁ ଥିବାବେଳେ ବିଶେଷ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ରାଜନୀତିଜ୍ଞ ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ ଏବଂ ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ସାମ୍ବାଦିକ ଶ୍ରୀଯୁକ୍ତ ରାଜାରାମ ଶତପଥୀ ଯୋଗଦେବେ । ଏହି ଅବସରରେ 'ଭାରତୀୟ ସମ୍ବିଧାନ ଓ ଆମ ଆଞ୍ଚଳିକ ଭାଷା' ଶୀର୍ଷକ ଚତୁର୍ଥ ବୈଷ୍ଣବ ପରିଡ଼ା ସ୍ମାରକୀ ବକ୍ତୃତା ପ୍ରଦାନ କରିବେ ଶିକ୍ଷାବିତ୍ ପ୍ରାଧ୍ୟାପକ ଡ. ମାନସ ବେହେରା । ସମାରୋହରେ ସଭାପତିତ୍ୱ କରିବେ ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ରବି ଦାସ । ଏହି ଅବସରରେ ଗଞ୍ଜାମ ଜିଲ୍ଲାର ବିଶିଷ୍ଟ ଭାଷାକର୍ମୀ, ସାହିତ୍ୟିକ ଓ ସୁସଙ୍ଗଠକ ଶ୍ରୀଯୁକ୍ତ ଦଣ୍ଡପାଣି ମହାପାତ୍ରଙ୍କୁ 'ବୈଷ୍ଣବ ପରିଡ଼ା ସ୍ମୃତି ସମ୍ମାନ-୨୦୨୫' ପ୍ରଦାନ କରାଯିବ । ଏହି ଜୟନ୍ତୀ ସମାରୋହରେ ଯୋଗଦେବା ପାଇଁ ବୈଷ୍ଣବ ପରିଡ଼ା ସ୍ମୃତି ନ୍ୟାସ ପକ୍ଷରୁ ନିବେଦନ କରାଯାଇଛି ।

## ବୈଶ୍ୟ କରଣ କଲ୍ୟାଣ ସମିତିର ଅଧିବେଶନ
## ଐତିହ୍ୟକୁ ସୁରକ୍ଷା ଦେବା ଓ ଏକତା ବଜାୟ ରଖିବାକୁ ଜାତି ଏକତ୍ରିତ ହୁଅନ୍ତି

ଭୁବନେଶ୍ୱର,୧୨।୨:ବୈଶ୍ୟ କରଣ ଶିକ୍ଷିତ ଜାତି। ପୂର୍ବ କାଳରେ ରାଜା ଓ ସାଧବଙ୍କୁ ସାହାଯ୍ୟ କରିଆସୁଥିଲେ। ଐତିହ୍ୟକୁ ସୁରକ୍ଷା ଦେବା ଓ ଏକତା ବଜାୟ ରଖିବାକୁ ଜାତି ଏକତ୍ରିତ ହୁଅନ୍ତି। ସମାଜରେ ଜାତିର ପ୍ରଭାବ ଏକତା ଓ ସାମାଜିକ ବିକାଶ ପାଇଁ ଗଠିତ ବୋଲି ବୈଶ୍ୟ କରଣ ଜାତିର ସର୍ବପ୍ରଥମ ଅଧିବେଶନରେ ବିଶିଷ୍ଟ ବ୍ୟକ୍ତିମାନେ ମତ ପୋଷଣ କରିଛନ୍ତି। ସାମନ୍ତରାପୁର 'ମା' ଭୂଆସୁଣୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ଅଧିବେଶନରେ କିଶୋର ଚନ୍ଦ୍ର ପଟ୍ଟନାୟକ ଏଥିରେ ଅଧକ୍ଷତା କରିଥିବା ବେଳେ ସଭା ପରିଚାଳନା କରିଥିଲେ ଦିଲ୍ଲୀପ ଏଥିରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଧ୍ୟାତ୍ମିକ ପ୍ରବଚକ ତଥା ସମାଜସେବୀ ସନ୍ତୋଷ କୁମାର ମହାନ୍ତି, ସ୍ୱତନ୍ତ୍ର ଅତିଥି ଭାବେ ସାହିତ୍ୟିକ ବଙ୍କିମ ଚନ୍ଦ୍ର ନାୟକ, ସମାଜସେବୀ ପ୍ରଦୀପ କୁମାର ମହାନ୍ତି, ପୁରୀ ନନ୍ଦିନୀ ମଠ କୁଳ ଗୁରୁ କିଶୋରେ ଚନ୍ଦ୍ର ଦାସ ମହାରାଜ ଗୋସ୍ୱାମୀ,



ଶିବାନୀ ଦେବୀ, ସମାଜସେବୀ ସୁବ୍ରତ କୁମାର ମହାନ୍ତି, ସମାଜସେବିକା ସ୍ୱର୍ଣ୍ଣଲତା ମହାନ୍ତି, ସ୍ମିଗ୍ଧା ପଟ୍ଟନାୟକ, ହାସ୍ୟ ଅଭିନେତା ଆଶିଷ କୁମାର ଦାସ, ଅକ୍ଷୟ କୁମାର କାନୁନଗୋ, ପ୍ରକାଶ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଜାତିର ଏକତା ଏବଂ ଉନ୍ନତି ପାଇଁ ବିଭିନ୍ନ ମତ ଦେଇଥିଲେ। ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ମହେଶ ଚନ୍ଦ୍ର ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ,୧୨।୨:ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବନ୍ତ ବ୍ଲକ କାର୍ଯ୍ୟାଳୟ ଠାରେ ଯୌନ ଉତ୍ପୀଡ଼ନ, ଯାହାକି କର୍ମଜୀବି ମହିଳାମାନଙ୍କ କ୍ଷେତ୍ରରେ ଘଟୁଛି। ସେ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ନେହାଁ ଅଗ୍ରୱାଲ, ସଚିବ, ଜିଲ୍ଲା ଆଇନସେବା ପ୍ରାଧିକରଣ, ଭଦ୍ରକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ଏଲ୍.ଏ.ଡ଼ି.ସି.ଏସ୍. ତାପସ କୁମାର ମହାନ୍ତି, ସହକାରୀ ବିଡ଼ିଓ ନିଶିକାନ୍ତ ଖୁଣ୍ଟିଆ, ତଥା ବନ୍ତ ବ୍ଲକର କର୍ମଚାରୀଗଣ ଉପସ୍ଥିତ ରହି ଯୌନ ଉତ୍ପୀଡ଼ନ ସଂପର୍କିତ କ'ଣସବୁ ଆଇନ୍ ପଦକ୍ଷେପ ରହିଛି ଓ କିପରି ଜଣେ କର୍ମଜୀବୀ ମହିଳା ଯଦି ଯୌନ ଉତ୍ପୀଡ଼ନର ଶିକାର ହୁଅନ୍ତି ତେବେ ଏହାର କ'ଣ ଦିଗଅଛି ଯାହାକି ଆଇନ ମାଧ୍ୟମରେ ନିଜକୁ ସୁରକ୍ଷିତ ରଖିପାରିବେ। କର୍ମକ୍ଷେତ୍ରରେ ନିଜକୁ ଠିକ୍ ରୂପେ ପ୍ରତିପାଦନ କରିପାରିବେ ସେ ସମ୍ପର୍କିତ ଆଇନ୍ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ କର୍ମଚାରୀମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

## ଜିଲ୍ଲାରେ ୭୦ ପ୍ରତିଶତ ଖରିଫ ଧାନ କ୍ରୟ ପ୍ରକ୍ରିୟା ସରିଛି

ଅନୁଗୋଳ,୧୨।୨:ରାଜ୍ୟ ସରକାରଙ୍କ ନିର୍ଦ୍ଦେଶମତେ ଜିଲ୍ଲାପାଳ ଶ୍ରୀ ଅବଦାଲ୍‌ମୁହମ୍ମଦ୍ ଅଖତରଙ୍କ ପ୍ରତ୍ୟକ୍ଷ ତ ୍ୱାବଧାନରେ ଜିଲ୍ଲାରେ ୭୦ ପ୍ରତିଶତ ଖରିଫ ଧାନ କ୍ରୟ ପ୍ରକ୍ରିୟାସରିଛି। ସୂଚନା ମୁତାବକ, ପ୍ରଥମ ପର୍ଯ୍ୟାୟରେ ୧୧,୫୩, ୫୨୯,୪୧ କ୍ୱିଣ୍ଟାଲ ଧାନ କ୍ରୟରଧାର୍ଯ୍ୟ ଲକ୍ଷ ଥିବା ବେଳେ ଗତକାଲି ସୁଦ୍ଧା ୮,୧୨,୦୪୩,୫୬ିଣ୍ଟାଲ ଧାନ କ୍ରୟ କରାଯାଇଛି,ଯାହା ଧାର୍ଯ୍ୟ କ୍ରୟ ଲକ୍ଷ୍ୟର ୭୦ ପ୍ରତିଶତ । ସେହିପରି ଜିଲ୍ଲାରେ ମୋଟ ୪୬,୩୦୪ଟି ପଞ୍ଜିକୃତ କୃଷକ ରହିଥିବା ବେଳେ ସେଥିମଧ୍ୟରୁ ୨୫,୭୦୬ ଜଣ (୫୬ ପ୍ରତିଶତ) ନିଜର ଧାନ ବିକ୍ରି କରିସାରିଛନ୍ତି ଏବଂ ୨୧,୮୪୪ ଜଣ କୃଷକଙ୍କ ବ୍ୟାଙ୍କ ଖାତାକୁ ସରକାରଙ୍କ ଦ୍ୱାରା । ଧାର୍ଯ୍ୟସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରାଯାଇଛି । ଏହି ପ୍ରକ୍ରିୟାରେ ଜିଲ୍ଲାରେ ମୋଟ ୯୪ଗୋଟିସମବାୟ ସମିତି, ୪ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ୧୩ ଜଣ ମିଲର ନିୟୋଜିତ ହୋଇଛନ୍ତି ।

## ପାଣି ପାଇଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମହିଳା

ପାତ୍ରପୁର, ୧୨।୨:ପାତ୍ରପୁର ବ୍ଲକ ହେଡ଼କ୍ୱାଟର ଗ୍ରାମ ଗୁରୁସେଠୀ ସାହିକୁ ପ୍ରାୟ ୨୦ ଦିନ ହେଲା ପାଣି ଯାଉନଥିବାରୁ ସପ୍ତାହକ ତଳେ ସାହି ମହିଳା ମାନେ ସାହି ନିକଟ ବ୍ଲକ କାର୍ଯ୍ୟାଳୟ ଯିବା ରାସ୍ତାରେ ବସି ଧାରଣା ଦେଇଥିଲେ । ସେଠାକୁ ପ୍ରଶାସନିକ ଅଧିକାରୀ ମାନେ ପହଞ୍ଚି ଗତକାଲି ଅର୍ଥାତ ସୋମବାର ସୁଦ୍ଧା ପାଣି ପହଞ୍ଚିବ ବୋଲି କଥା ରଖିଥିଲେ ହେଲେ ସୋମବାର ପାଣି ପହଞ୍ଚିନଥିବାରୁ ଆଜି ବ୍ଲକ ଫାଟକରେ ମହିଳା ମାନେ ଧାରଣାରେ ବସି ରହିଥିଲେ ପରେ ଅତିରିକ୍ତ ତହସିଲଦାର ଦିଲୀପ କୁମାର ଦେହୁରୀ, ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ରୋବର୍ଟ ପ୍ରଧାନ ପ୍ରମୁଖଙ୍କ ସହ ବ୍ଲକ କର୍ମଚାରୀ ଉପସ୍ଥିତ ରହି ବୁଝାସୁଝା କରାଇଥିଲେ ମଧ୍ୟ ମହିଳା ମାନେ ଉଠି ନଥିଲେ ସାହିରେ ପାଣି ପହଞ୍ଚିଲେ ଉଠିବୁ ବୋଲି ଅଡ଼ି ବସିଥିଲେ ପରେ ପାଣି ସାହିକୁ ପହଞ୍ଚିଥିଲା ଓ ମହିଳା ମାନେ ଧାରଣାରୁ ଉଠିଥିଲେ । ଏନେଇ ଜଳ ଯୋଗାଣ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରୋବର୍ଟ ପ୍ରଧାନଙ୍କ ସହ ଯୋଗାଯୋଗ କରିବାରୁ ନଦୀ ନିକଟରେ ରାସ୍ତା ମରାମତି ଯୋଗୁଁ ପାଣି ଆସିପାରୁନଥିଲା । ଯଦ୍ୱାରା ଉକ୍ତ ସାହିକୁ ପାଣି ପହଞ୍ଚି ପାରୁ ନଥିଲା । ଗତକାଲି ସୁଧା ପାଣି ଦେବୁ ବୋଲି କହିଥିଲୁ କିନ୍ତୁ ଆଜି କାମ ସରିବା ପରେ ସାହିରେ ପାଣି ପହଞ୍ଚିଥିବା କହିଛନ୍ତି ।

# ଏକ ଦିବସୀୟ ବ୍ଲକ ସ୍ତରୀୟ ଆଇନଗତ ସଚେତନତା କର୍ମଶାଳା ଅୟୋଜିତ

ଅନୁଗୋଳ, ୧୨।୨: ମହିଳାଙ୍କ ମୌଳିକ ଅଧିକାରର ସୁରକ୍ଷା ଲାଗି ଆଇନଗତ ଢାଞ୍ଚାକୁ ସୁଦୃଢ କରିବାଏବଂ ନ୍ୟାୟ ବ୍ୟବସ୍ଥାକୁ ବ୍ୟାପକ ଗୁରୁବ ଦେବା ପାଇଁ ଆଜି ପୂର୍ବାହ୍ନରେ ଅନୁଗୋଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଠାରେଓଡିଶା ରାଜ୍ୟ ମହିଳା ଆୟୋଗ, ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ମିଳିତ ଆନୁକୁଲ୍ୟରେ ଏକ ଦିବସିୟ ବ୍ଲକ୍ ସ୍ତରୀୟ ଆଇନ୍ ସଚେତନତା କର୍ମଶାଳା ଆୟୋଜିତ ହୋଇଯାଇଛି । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ନିରୁପମା ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟ ଅତିଥ୍ୟ ଭାବେ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ବବିତା ପ୍ରଧାନ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥ୍ୟ ଭାବେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀ ପ୍ରତାପ ପ୍ରୀତିମୟ, ଅନୁଗୋଳ ଉପଖଣ୍ଡ ପୋଲିସ ଅଧିକାରୀ ଶ୍ରୀ ରମାକାନ୍ତ ମହାଲିକ, ସମାଜ ସେବୀ ପୌବମାସୀ ରଥ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଗୌରୀ ଶଙ୍କର ବେହେରା, ଜିଲ୍ଲା ସମାଜ ମଙ୍ଗଳ କମିଟିର ଅଧକ୍ଷା ଅଧ୍ୟାପକ ଶ୍ରୀ କା ହ୍ନ ଚରଣ ପାଢି ପ୍ରମୁଖ ଯୋଗ ଦେଇ ଲିଙ୍ଗଗତ ବୈଷମତା, ଘରୋଇ ହିଂସା, ସରକାରଙ୍କ ବିଭିନ୍ନ ଯୋଜନା ଉପରେ ନିଜ ନିଜର ସୁଚିଷ୍ଠିତ ମତାମତ ପ୍ରଦାନ କରିଥି ଲେ ଅଧୁବେଶନରେ ଲିଙ୍ଗଗତ ସମାନତାର ମୌଳିକ ଧାରଣା ଏବଂ ଲିଙ୍ଗଭିତ୍ତିକ ହିଂସାର



ବିଭିନ୍ନ ରୂପ ଉପରେ ଆଲୋକପାତ କରାଯାଇଥିଲା । ଅପହରଣ, ଚାଲାଣ, ଯୌନ ନିର୍ଯାତନା, ଦୁଷ୍କର୍ମ, ହତ୍ୟା ଭଳି ପ୍ରଚଳିତ ବିଭିନ୍ନ ଶ୍ରୀମତୀ ଦିପ୍ତିମୟୀ ସାହୁ, ମହିଳା ସୁରକ୍ଷା ଆଇନ୍ ଓ କର୍ମଶାଳାର ପ୍ରଥମ ସାମାଜିକ ଅପରାଧ, ଲିଙ୍ଗଗତ ସମାନତା, ଲିଙ୍ଗ ଭି ିକ ହିଂସା ଏବଂ ସମାଜ ଉପରେ ଲିଙ୍ଗଗତ ଭେଦଭାବକୁ ପ୍ରଭାବ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଏଥୁ ସହିତ ଆଇନ୍ଗତ ଦୃଷ୍ଟାନ୍ତ, ଯୁଗାନ୍ତକାରୀ ରାୟ, ପ୍ରତିଷେଧକ ବ୍ୟବସ୍ଥା, ଗୋଷ୍ଠୀଗତ ଉ ରଦାୟିତ୍ୱକୁ ଫୁଖାନୁପୁଂଖ ଭାବେ ଆଲୋଚନା କରାଯାଇଥିଲା । ସେହିଭଳି ଦ୍ୱିତୀୟଅଧୁବେଶନରେ ବିଶେଷକରି ମହିଳାମାନଂକୁ ହିଂସାରୁ ସୁରକ୍ଷା ପ୍ରଦାନ କରୁଥିବା ଆଇନ୍ ଉପରେ ଗରୁତ୍ୱାରୋପ କରାଯାଇ ଆଇନଗତ ସୁରକ୍ଷା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଥିଲା । ଏହି ଅଧିବେଶନରେ ଘରୋଇହିଂସା ଆଇନର ବ୍ୟବସ୍ଥା, କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ସମ୍ପର୍କୀତ ଆଇନ୍ ଏବଂ ମହିଳା ସୁରକ୍ଷାକୁ ସୁଦୃଢ କରୁଥିବା ସାମ୍ପ୍ରତିକ ଅପରାଧିକ ଆଇନ୍ ସଂଶୋଧନର ଗରୁତ୍ୱପୁର୍ଣ୍ଣ ଦିଗ ଉପରେ ଆଲୋଚନା ହୋଇଥିଲା । ଯୋଜନା ଏବଂଆଇନ୍ ସହାୟତା ଉପଲବଧ କରାଇବା ଉପରେ ଉଦଯାପନୀ ଅଧିବେଶନରେ ଆଲୋଚନା ଅନୁଷ୍ଠିତ ହୋଇଥିଲା । ତତସହିତ ଅଧୂବେଶନରେ ମାଗଣା ଆଇନ୍ ସହାୟତା ସେବା, ଯୋଗ୍ୟତା ମାନଦଣ୍ଡ, ମହିଳା ସଶକ୍ତିକରଣ ପାଇଁ ବିଭିନ୍ନ ସରକାରୀ ଯୋଜନା ଉପରେ ଆଲୋକପାତ କରାଯାଇଥିଲା । ଏହି କର୍ମଶାଳାରେ ଅନୁଗୋଳ ମହିଳାମହାବିଦ୍ୟାଳୟ ଅଧ୍ୟାପିକା ଶ୍ରୀମତୀ ଅଞ୍ଜଳୀ ତ୍ରିପାଠୀ, ଅନୁଗୋଳ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟାପିକା ଡା.ସ୍ମିତା ମଲ୍ଲିକ ରିସୋର୍ସ ପର୍ସନ ଭାବେ ଯୋଗ ଦେଇ ପ୍ରଶିକ୍ଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଂକମଧ୍ୟରେ ଜିଲ୍ଲା ସଂଯୋଜକ (ବାଲ୍ୟବିବାହ ନିରାକରଣ) ଶ୍ରୀ ସନ୍ତୋଷ କୁମାର ବେହେରା, ଜିଲ୍ଲା ମମତା ସଂଯୋଜକ ଶ୍ରୀ ତାପସ କୁମାର ପାଣି, ଜିଲ୍ଲା ସଂଯୋଜକ (ମିଶନ ଶକ୍ତି ହବ) ଶ୍ରୀ ବିଦ୍ୟାଧର ପ୍ରଧାନଙ୍କ ସମେତ ୩୦୦ରୁ ଊର୍ଦ୍ଧ୍ୱ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟ, ଛାତ୍ରୀ, ପଞ୍ଚାୟତ ପ୍ରତିନି, ସ୍ୱେଚ୍ଛାସେବୀ ଅନୁଷ୍ଠାନରକର୍ମୀ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ, ଅଙ୍ଗନୱାଡି ସୁପରଭାଇଜର ପ୍ରମୁଖ ଯୋଗ ଦେଇଥିଲେ ।

## ହାଇସ୍କୁଲର ବାର୍ଷିକ କ୍ରିଡ଼ା ଉତ୍ସବ

ଦଶପଲ୍ଲା,୧୨।୨: ଦଶପଲ୍ଲା ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଦିନ ତମାମ ଛାତ୍ରୀ ଛାତ୍ର ଙ୍କ ମଧ୍ୟ ରେ ବିଭିନ୍ନ କ୍ରିଡ଼ା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । କ୍ରିଡ଼ା ଉଦଯାପନୀ ଉତ୍ସବରେ ିଦ୍ୟା ଳୟର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ନାୟକ ଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ବ୍ଲକ ଚେୟାରମେନ ସୁନନ୍ଦା ସାହୁ, ଏନ୍ ଏସି ଚେୟାରମେନ ଇଓ ପୁନମ ପ୍ରିୟଦର୍ଶିନୀ, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଭୁଦ ମହାପାତ୍ର, ସମ୍ମାନୀତ ଅତିଥି ଭାବେ ବରିଷ୍ଠ ନାଗରିକ ମଂଚ ର ସଭାପତି ପ୍ରାଣକୃଷ୍ଣ ବେହେରା, ଶିକ୍ଷାବିତ ଡଃ ନାରାୟଣ ମହାପାତ୍ର, ସାଂସଦ ପ୍ରତିନିଧି ଅଞ୍ଜନଦାଶ, ିଦ୍ୟା ଳୟ କମିଟି ସଭ୍ୟ ବିରଂଚି ନାରାୟଣ ମିଶ୍ର, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଯୋଗଦାନ କରିଥିଲେ । ଉତ୍ସବ ରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥି ବୃନ୍ଦ ପୁରସ୍କାର ପ୍ରଦାନ କରିଥିଲେ । ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା ।ବିଦ୍ୟା ଳୟ ର ସମସ୍ତ ଶିକ୍ଷୟିତ୍ରୀ ଏବଂ ଶିକ୍ଷକ ବୃନ୍ଦ ଏଥିରେ ସହଯୋଗ କରିଥିଲେ ।

## ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାର ସଫଳ ରୂପାୟନ ପାଇଁ ପ୍ରଶିକ୍ଷଣ ଶିବିର

ବୁଗୁଡା, ୧୨।୨: ରାଜ୍ୟ ସରକାରଙ୍କ ବିକଶିତ ଗାଁ, ବିକଶିତ ଓଡିଶା ଯୋଜନାର ସଫଳ ରୂପାୟନ ପାଇଁ ଗଞ୍ଜାମ ଜିଲ୍ଲାର ବୁଗୁଡା ବ୍ଲକର ଜିଲ୍ଲା ପରିଷଦ ମେମ୍ବର, ସମିତି ମେମ୍ବର ଓ ସରପଞ୍ଚ ବୃନ୍ଦଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଫେବୃୟାରୀ ୧୧ ତାରିଖ ଦିନ ବୁଗୁଡା ବ୍ଲକର ବିଡ଼ିଓ ଦୁତିକୃଷ୍ଣ ପାତ୍ରଙ୍କ ତ ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛିୟ ଏହି ପ୍ରଶିକ୍ଷଣ ଶିବିରରେ ବ୍ଲକ ଅଧକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ, ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ, ୪୨ ନଂ ଜିଲ୍ଲା ପରିଷଦ ମେମ୍ବର ଗଙ୍ଗପାଣି ଜେନା, ସହକାରୀ ଯନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକ, ଜିପିଓ ଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ମେମ୍ବର ବୃନ୍ଦ ଯୋଗ ଦେଇଥିଲେ । ବିଡ଼ିଓ ଶ୍ରୀ ପାତ୍ର ଓ ସହକାରୀ ଯନ୍ତ୍ରୀ ଶ୍ରୀ ନାୟକ ବିକଶିତ ଗାଁ, ବିକଶିତ ଓଡିଶା ଯୋଜନା ସଫଳତା ପାଇଁ ୫ ବର୍ଷୀୟା କାର୍ଯ୍ୟକ୍ରମ ବିଷୟରେ ବୁଝାଇ ଥିଲେ । ପାଞ୍ଚ ବର୍ଷ ପାଇଁ ଏହି ଯୋଜନାରେ ବାର୍ଷିକ ଏକ କୋଟି ଟଙ୍କା ହିସାବରେ ପାଞ୍ଚ କୋଟି ଟଙ୍କାର ଅର୍ଥ କିପରି ଖର୍ଚ୍ଚ କରାଯିବ ପଞ୍ଚାୟତ ଲୋକ ପ୍ରତିନିଧିମାନଙ୍କୁ ପ୍ରଞ୍ଜାଳ ଭାବେ ବୁଝାଯାଇଥିଲା ।

## ମାର୍ଶାଘାଇ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ମାର୍ଶାଘାଇ,୧୨।୨:ସ୍ୱାଧିକାର ନ୍ୟୁଜ ମାର୍ଶାଘାଇ ମହାବିଦ୍ୟାଳୟର ୪୫ତମ ବାର୍ଷିକ ଉତ୍ସବ ମହାବିଦ୍ୟାଳୟର ଅଧକ୍ଷ ପ୍ରଣୟ ପରିଜାଙ୍କ ଅଧକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଥିଲା। ମହାକାଳପଡ଼ା ବିଧାୟକ ଡ଼ଃ ଦୁର୍ଗାପ୍ରସନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବରେ ଶିକ୍ଷାବିତ ଡ ସଦାନନ୍ଦ ମିଶ୍ର, ସମ୍ମାନିତ ଅତିଥି ଭାବରେ ବ୍ୟଙ୍ଗକବି ଡ ରମାକାନ୍ତ ମହାପାତ୍ର, ସାଂସଦଙ୍କ ପ୍ରତିନିଧି ସରୋଜକାନ୍ତ ସାହୁ, ସମାଜସେବୀ ନିଗମ ପ୍ରସାଦ ରଥ, ପ୍ରାଧ୍ୟାପକ ଡ. ପ୍ରଭାତ ଲେଙ୍କା, ଅଧ୍ୟାପକ ଉମେଶ ଚନ୍ଦ୍ର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଓଡ଼ିଆ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ ଏବଂ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅଧ୍ୟାପକ ବିଜୟ ପାତ୍ର, ଅଧ୍ୟାପକ ଶାଶ୍ୱତ ଚନ୍ଦନ ସାମନ୍ତରାୟ, ଅଧ୍ୟାପକ ଧିରେନ ଚୌଧୁରୀ, ଅଧ୍ୟାପିକା କା ନ ସାହୁ, ଡ଼ଃ ମଧୁସ୍ମିତା କର, ଡ଼ଃ ଅନୁରାଧା ଦାସ ପରିଚାଳନା ରେ ସହଯୋଗ କରିଥିଲେ। ଶେଷରେ ମେଲୋଡି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ଙ୍କ ପୁଣ୍ୟ ତିଥିରେ ସମର୍ପଣ ଦିବସ ପାଳିତ

ଦଶପଲ୍ଲା ୧୨।୨:ପ୩୪ଆମ ଭାରତ ଦେଶ ପାଇଁ ଅନେକ ପଣ୍ଡିତ, ଦେଶଭକ୍ତ ନିଜ ଜୀବନ କୁ ଉତ୍ସର୍ଗ କରିଛନ୍ତି । ଦେଶ ସ୍ୱାଧୀନତା ହେଉ ବା ଦେଶ ର ଅନ୍ୟ ସମସ୍ତ ଉନ୍ନତି ଦିଗରେ ଅନେକ ନିଜ ନିଜ ର ଛାପ ଛାଡିଯାଇଛନ୍ତି । ସେମାନଙ୍କ ମଧ୍ୟରୁ ଏକାତ୍ମ ମାନବବାଦ ଓ ଅନ୍ତୋଦୟର ପ୍ରଣେତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଅନ୍ୟତମ ୟ ତାଙ୍କର ଶ୍ରାଦ୍ଧ ବାର୍ଷିକୀରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସାରା ଦେଶ ଆଜି



ପାଳନ କରୁଛି । ଜଣେ ରାଷ୍ଟ୍ରବାଦୀ ନେତୃ ଭାବେ ରାଷ୍ଟ୍ରନିର୍ମାଣରେ ତାଙ୍କର ଯୋଗଦାନ ଆଜିର ସମାଜ ପାଇଁ ଏକ ପ୍ରେରଣାର ଉତ୍ସୟ ତାଙ୍କର ଦେଶ ପ୍ରତି ବଳିଦାନ ଅବିସ୍ମରଣୀୟ ଓ ଅକଥନୀୟ । ଏ ପରିପେଖିରେ ଭାରତୀୟ ଜନତା ଦଳ ପକ୍ଷରୁ ବ୍ଲକ ନିକଟସ୍ଥ ଶିକ୍ଷକ ଭବନ ପରିସରରେ ପଣ୍ଡିତ ଦିନଦୟାଲ ଉପାଧ୍ୟୟ ଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି । ଏହି ସମର୍ପଣ ଦିବସରେ ପୂର୍ବତନ ଜିଲ୍ଲା ସଭାପତି ପ୍ରସନ୍ନ କୁମାର ଦାଶ, ଜିଲ୍ଲା ସମ୍ପାଦକ ବସନ୍ତ କୁମାର ମହାନ୍ତି, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ଜ୍ଞାନରଞ୍ଜନ ସାହୁ, ସାଂସଦ ବ୍ଲକ ପ୍ରତିନିଧି କିଶୋର ଚନ୍ଦ୍ର ଦଳବେହେରା, ଏନ ଏ ସି ପ୍ରତିନିଧି ଅଞ୍ଜନ କୁମାର ଦାସ, ବିଜେପି ନେତା ରାଘବ ମଲ୍ଲିକ, ଏନ ଏ ସି ସଭାପତିଙ୍କ ସହିତ ସମସ୍ତ ମଣ୍ଡଳ ସଭାପତି ଓ ସଭାନେତ୍ରୀ ଉପସ୍ଥିତ ଥିଲେ ।

## ବିଜେପିରେ ମିଶିଲେ ବିଜେଡି ଓ କଂଗ୍ରେସ କର୍ମୀ

କାକଟପୁର /ଅସ୍ତରଙ୍ଗ :୧୨।୨: ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ ଅସ୍ତରଙ୍ଗ ରେ ସଶକ୍ତ ହେଉଛି ବିଜେପି । ମଙ୍ଗଳବାର ସନ୍ଧ୍ୟା ସମୟରେ ଅସ୍ତରଙ୍ଗ ବ୍ଲକ କୋରଣା ଗ୍ରାମ ପଂଚାୟତ ଗାଙ୍ଗପୁର ଗ୍ରାମରେ ଗାଙ୍ଗେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅସ୍ତରଙ୍ଗ ମଣ୍ଡଳ ୧ର ସଭାପତି ଇନ୍ଦ୍ରମଣି ଜେନା ଓ ଦିବାକର ଛାଟୋଇଙ୍କ ନେତୃତ୍ୱରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଦେର୍ଶରେ ଅନୁପ୍ରାଣିତ ହୋଇ ବିଜେପି ରେ ସାମିଲ ହୋଇଛନ୍ତି ଗାଙ୍ଗପୁର ଗ୍ରାମର ୨୫ରୁ ଉର୍ଦ୍ଧ ପରିବାର । ବିଜେଡି ଓ କଂଗ୍ରେସ ପରିତ୍ୟାଗ କରି ବିଜେପି ରେ ମିଶିଛନ୍ତି । ଆଗାମୀ ପଂଚାୟତ ନିର୍ବାଚନ ପୂର୍ବରୁ ସଶକ୍ତ ହେଉଛି ବିଜେପିୟଏହି ମିଶ୍ରଣ ପର୍ବରେ ନରେନ୍ଦ୍ର ପ୍ରଧାନ, କପିଳ ପ୍ରଧାନ, ମାୟାଧର ବାଗ, ବିଚିତ୍ରାନନ୍ଦ ପ୍ରଧାନ ପ୍ରମୁଖ ମିଶ୍ରଣ ପର୍ବସମୟରେ ଉପସ୍ଥିତ ଥିଲେ ।

# 'ଯୁଗଶ୍ରୀ ଯୁଗନାରୀ' ବାର୍ଷିକ ସାରସ୍ୱତ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ

ଭୁବନେଶ୍ୱର, ୧୨।୨: 'ଯୁଗଶ୍ରୀ ଯୁଗନାରୀ'ର ବାର୍ଷିକ ସାରସ୍ୱତ ଓ ସମ୍ବର୍ଦ୍ଧନା ସମାରୋହ ଓଡ଼ିଶା ସରକାରଙ୍କ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ପତ୍ରିକାର ସଂପାଦିକା ମମତା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଯାଇଛି । 'ଯୁଗଶ୍ରୀ ଯୁଗନାରୀ' ସହ-ସଂପାଦିକା ଡ. ପ୍ରଭାବତୀ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ସାରସ୍ୱତ ସମାରୋହରେ ମୁଖ୍ୟଅତିଥି ଶ୍ରୀମତୀ ସୁରମା ପାଢ଼ୀ, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନ ସଭା, ସାରସ୍ୱତ ସାଧନା ବୟସକୁ ଅପେକ୍ଷା କରେନା – ଉପେକ୍ଷା କରେ, ଜୀବନର ଲମ୍ବା ରାସ୍ତାରେ ଚଳଚଞ୍ଚଳ ସାହିତ୍ୟିକ ଓ ଅଭିଜ୍ଞତାପୂର୍ଣ୍ଣ ସର୍ଜ୍ଜନାକୁ ପ୍ରଣାମ କରିବା ଉଚିତ୍ ଓ ସାହିତ୍ୟ ସାଧକଙ୍କୁ ଉତ୍ସାହିତ କରିବା ସମାଜର ଧର୍ମମଧ୍ୟ ହେବା ଉଚିତ୍ ବୋଲି କହିଥିଲେ। ବିଶିଷ୍ଟ ଅତିଥି କଥାକାର ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ, ବିଶିଷ୍ଟ ଲେଖାକୁ ଅସ୍ୱୀକାର କରିହେବନାହିଁ ବୋଲି କହିଥିଲେ । ମୁଖ୍ୟବକ୍ତା ପ୍ରଫେସର ଡ. ପ୍ରସନ୍ନ ସ୍ୱାଇଁ କୁଳପତି, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଯୁଗଶ୍ରୀ ଯୁଗନାରୀ



ଏକ ପତ୍ରିକା ନୁହେଁ ଏକ ଆନ୍ଦୋଳନ – ସଂସ୍କୃତି, ଶିକ୍ଷା ସମାଜ କ୍ଷେତ୍ରରେ କହିଥିବା ବେଳେ ସମ୍ମାନିତ ଅତିଥି ପ୍ରଫେସର ଡ. ସଂଗୀତା ରଥ, ବିଶିଷ୍ଟ ଶିକ୍ଷାବିତ୍ ଓ ସୁସାହିତ୍ୟିକା ମତବ୍ୟକ୍ତ କରିଥିଲେ ପୁରୁଷ ପ୍ରଧାନ ଦେଶରେ ନାରୀ ବି କମ୍ ନୁହେଁ ତାହାର ସୃଜନଶୀଳତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ 'ଯୁଗଶ୍ରୀ ଯୁଗନାରୀ'ର ବାର୍ଷିକ ଫେବୃଆରୀ-୨୦୨୫ ସଂଖ୍ୟାର ଶୁଭ ଉନ୍ମୋଚନ ହୋଇଥିଲା । ଏହି ସାରସ୍ୱତ ସମାରୋହରେ ୨୦୨୫ ମସିହା ପାଇଁ ଯୁଗଶ୍ରୀ ଯୁଗନାରୀ ସାରସ୍ୱତ ସମ୍ମାନ ଶ୍ରୀମତୀ ଝରଣା ପଟ୍ଟନାୟକ, ବିଶିଷ୍ଟ ସାହିତ୍ୟିକା, ଯୁଗଶ୍ରୀ ଯୁଗନାରୀ ସମାଜସେବା ସମ୍ମାନ, ଡ. ବିଜୟା ମିଶ୍ର, ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜସେବୀ, ଯୁଗଶ୍ରୀ ଯୁଗନାରୀ ପରିବେଶ ସୁରକ୍ଷା ସମ୍ମାନ ଶ୍ରୀଯୁକ୍ତ କିରିଟ ଗାନ୍ଧି, ନିର୍ଦ୍ଦେଶକ,ଏସ.କେ.ଏସ ରିସୋରସେସ୍ ଏଲଏଲପି,ମୁମ୍ବାଇ, ଯୁଗଶ୍ରୀ ଯୁଗନାରୀ ଶ୍ରେଷ୍ଠ ବିତରକ ସମ୍ମାନ, ଶ୍ରୀଯୁକ୍ତ ବାବୁଲା ବେହେରା ମା' ନାରାୟଣୀ ବୁକ୍ ଷ୍ଟୋର, ଭୁବନେଶ୍ୱର ସମ୍ବର୍ଦ୍ଧିତ ହୋଇଥିଲେ । ମମତା ମହାପାତ୍ର ଓ ବିଜୟିନୀ ସିଂଦେଓଙ୍କ ସଂପାଦିତ ପୁସ୍ତକ 'ସୁବର୍ଣ୍ଣ ସେତୁ', ଡ. ପ୍ରଭାତୀ ମିଶ୍ରଙ୍କ ସମ୍ପାଦିତ ପୁସ୍ତକ 'ସ୍ୱନାମଧନ୍ୟ ବାପା', ଡାକ୍ତର ଅନୀତା ପଣ୍ଡାଙ୍କ ଉପନ୍ୟାସ 'ଦସ୍ତାବିଜ୍', ଶ୍ରୀମତୀ ଗୀତାଞ୍ଜଳି ପଟ୍ଟନାୟକଙ୍କ ଅନୁବାଦ ପୁସ୍ତକ 'ଅଦ୍ଭୁତ ଜାଣିବା କଥା', ମେଜର ଡ. ସୁମିତ୍ରା ମିଶ୍ରଙ୍କ ପ୍ରବନ୍ଧ ପୁସ୍ତକ 'ବିଂଶ ଶତାବ୍ଦୀର ବିକ୍ଷୁବ୍ଧ ବିଶ୍ୱ' ଉନ୍ମୋଚିତ ହୋଇଥିଲା । ସୁଶ୍ରୀ ଗୀତାଞ୍ଜଳି ସିଂହ ମଂଚ ଆହ୍ୱାନ କରିଥିବା ବେଳେ ସହିଦନଗର ସ୍ଥିତ ଆର୍ଯ୍ୟ ସମାଜର ସମ୍ପାଦକ ବୀରେନ୍ଦ୍ର କର ବେଦପାଠ କରିଥିଲେ। ସୁଶ୍ରୀ ଦୀପ୍ତି ଦାସ ସଂଯୋଜନା କରିଥିଲା ବେଳେ ଡକ୍ଟର ମିନାକ୍ଷୀ ପଣ୍ଡା, ଡ. ଗାୟତ୍ରୀ କର, ଆରାଧନା ମିଶ୍ର, ମୀରା ବେଉରା ସଭା ପରିଚାଳନାରେ ସହାୟତା କରିଥିଲେ । ଶେଷରେ ଗାଳ୍ପିକ ଚି ରଂଜନ ବର୍ମା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ସର୍ବଶ୍ରୀ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ପ୍ରଫେସର ସଙ୍ଘମିତ୍ରା ମିଶ୍ର, ବନଜ ଦେବୀ, ପୀତବାସ ରାଉତରାୟ, ସୁପ୍ରଭା ରାୟ, ପ୍ରଫେସର ଜୟକୃଷ୍ଣ ପାଣିଗ୍ରାହୀ, ଡ. ଲଲାଟେନ୍ଦୁ ମହାପାତ୍ର, ଆଶାଲତା ଦାସ, ଜୟନ୍ତୀ ରଥ, ମାନସୀ ପାତ୍ର, ଶୈଳରାଣୀ ମିଶ୍ର ଆଦି ବହୁ ସାରସ୍ୱତ ସାଧକ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସଂପାଦକୀୟ

# ଆରବିଆଇ ପାଇଁ ଚ୍ୟାଲେଞ୍ଜ

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଶେଷରେ ରେପୋରେଟ୍ ୨୫ ବେସିକ୍ ପଏଂଟ ହ୍ରାସ କରି ବହୁ ଆକାଙ୍କ୍ଷିତ ସୁଧହାର ପାଇଁ ନିଷ୍ପତି ଗ୍ରହଣ କରିବା ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ। ପ୍ରାୟ ପାଂଚ ବର୍ଷ ପରେ ରିଜର୍ଭବ୍ୟାଙ୍କ ରେପେରରେଟ୍ ୨୫ ବେସିକ ପଏଂଟ ହ୍ରାସ କରିବା ଦ୍ୱାରା ତାହା ୬.୨୫ ପ୍ରତିଶତକୁ ଖସି ଆସିଛି। ତେବେ ଆର୍ଥୀକ ଅଭିବୃଦ୍ଧି ଓ ମୁଦ୍ରାସ୍ଫୀତି ମଧ୍ୟରେ ଭାରସାମ୍ୟ ରଖିବା ପାଇଁ ଆରବିଆଇ ମୋନେଟାରୀ ପଲିସ କମିଟି (ଏମପିସି) ଏହି ନିଷ୍ପତି ଗ୍ରହଣ କରିଛି। କେବଳ ଏତିକି ନୁହେଁ, ଯେତେବେଳେ ଭାରତର ଅର୍ଥନୀତି ମନ୍ଥର ହେଉଛି, ସେତିକି ବେଳେ ଏହି ନିଷ୍ପତି ଆସିଛି। କହିବା ବାହୁଲ୍ୟ ଯେ, ୨୦୨୩-୨୪ ଆର୍ଥୀକ ବର୍ଷରେ ଭାରତର ଅଭିବୃଦ୍ଧି ୬.୭ ପ୍ରତିଶତ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏବେ ମୁଦ୍ରାସ୍ଫୀତି ଅନୁକୂଳ ସ୍ଥିତିରେ ୪ ପ୍ରତିଶତରେ ରହିଥିବାବେଳେ ଅଭିବୃଦ୍ଧି ଉପରେ ଆରବିଆଇ ଗୁରୁତ୍ୱ ପ୍ରଦାନ କରିଛି। ଆରବିଆଇର ଏହି ପଦକ୍ଷେପ ଶିଳ୍ପ ସମୁଦାୟ ସ୍ୱାଗତ କରିଥିବାବେଳେ ଋଣ ହାର ଏବେ ବି ଅନିଶ୍ଚିତ ଅବସ୍ଥାରେ ରହିଛି। ଆରବିଆଇର ସୁଧ ହାର(ରେପୋରେଟ୍) ହ୍ରାସ ପରେ ଗାଡି ଓ ଗୃହ ଋଣ ହ୍ରାସ ପାଇବ। ଅନ୍ୟପକ୍ଷରେ ସଂଚୟ ଜମା ଉପରେ ସୁଧ ହ୍ରାସ ପାଇବ। ବିଶେଷ କରି ଏହା ଦ୍ୱାରା ବରିଷ୍ଠ ନାଗରିକ ମାନେ ପ୍ରଭାବିତ ହେବେ। ଏହା ନିସନ୍ଦେହ ଯେ, ବିଶ୍ୱ ପ୍ରତିକୂଳ ପରିସ୍ଥିତି ଅଭିବୃଦ୍ଧିକୁ ପ୍ରଭାବିତ କରିଚାଲିଛି ଏବଂ ନିମ୍ନଗାମୀ ହେବାର ବିପଦ ସୃଷ୍ଟି କରୁଛି। ବିଶ୍ୱରେ ଉଦୀୟମାନ ବଜାରଗୁଡିକରେ ପୁଞ୍ଜି ପ୍ରବାହ ହ୍ରାସ, ମୁଦ୍ରାର ତୀବ୍ର ମୂଲ୍ୟ ହ୍ରାସ ଏବଂ କଠୋର ପରିସ୍ଥିତି ଦେଖାଦେଇଛି। ତେଣୁ ବିଶ୍ୱ ପ୍ରତିକୂଳ ପରିସ୍ଥିତି ଅଭିବୃଦ୍ଧି ଉପରେ ଚାପ ପକାଇବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ରେପୋରେଟ୍ ହ୍ରାସ ଦ୍ୱାରା କେବଳ ବ୍ୟାଙ୍କ ଋଣ ଉପରେ କମ୍ ସୁଧ ନେବ ନାହିଁ, ବିଭିନ୍ନ ଜମା ଯୋଜନା ଉପରେ ମଧ୍ୟ କମ୍ ସୁଧ ପ୍ରଦାନ କରିବ। ଏଥିଲାଗି କେନ୍ଦ୍ର ସରକାର କ୍ଷୁଦ୍ର ସଂଚୟ ଯୋଜନାର ସୁଧ ହ୍ରାସ କରିବା ପାଇଁ ନିଷ୍ପତି ନେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ବିଶେଷ କରି ପିପିଏଫ, ଏନଏସସି, କିଷାନ ବିକାଶ ପତ୍ର ଓ ସୁକନ୍ୟା ସମୃଦ୍ଧି ଆକାଉଂଟ ପରି କ୍ଷୁଦ୍ର ସଂଚୟ ଯୋଜନା ଉପରେ ସୁଧ ହ୍ରାସ କରିବା ଆଶଙ୍କାକୁ ଉଜ୍ଜୀବତ କରିଛି। ତେବେ ଆର୍ଥୀକ ବିଶେଷଜ୍ଞମାନେ ମତ ଦିଅନ୍ତି ଯେ, କେନ୍ଦ୍ର ଅର୍ଥମନ୍ତ୍ରଣାଳୟ ବ୍ୟାଙ୍କ ସ୍ଥାୟୀ ଜମା ଉପରେ ସୁଧ ହ୍ରାସ କରିବା ପୂର୍ବରୁ ନିବେଷକମାନେ ସ୍ଥାୟୀ ଜମା ଆକାଉଂଟ ଖୋଲିବା ଜରୁରୀ। ଆରବିଆଇର ନୂତନ ଗଭର୍ଣ୍ଣର ସଂଜୟ ମାଲହୋତ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମୁଦ୍ରାନୀତି କମିଟି ବୈଠକରେ ଡଃ ନଗେଶ କୁମାର, ସୌଗତ ଭଟ୍ଟାଚାର୍ଯ୍ୟ, ପ୍ରଫେସର ରାମ ସିଂହ, ଡଃ ରାଜୀବ ରଂଜନ ଏବଂ ଏମ.ରାଜେଶ୍ୱର ରାଓଙ୍କ ଉପସ୍ଥିତିରେ ଅନୁମୋଦିତ ନିଷ୍ପତିରେ କେବଳ ରେପୋରେଟ୍ ହ୍ରାସ ନୁହେଁ, ଆର୍ଥୀକ କାରବାରରେ ସାଇବର ସୁରକ୍ଷାକୁ ବ୍ୟାପକ କରିବା ପାଇଁ ନିଷ୍ପତି ହୋଇଛି। ସେହିପରି ଆମେରିକାର ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ପ୍ରଶାସନର ଭାରତ ସମେତ କେତେକ ରାଷ୍ଟ୍ରପତି ଉପରେ ଆମଦାନୀ ଜନିତ ୨୫ ପ୍ରତିଶତ ଶୁଳ୍କ ଲାଗୁ ନିଶ୍ଚିତ ଭାବେ କେବଳ ଦେଶର ଅର୍ଥନୀତିକୁ ପ୍ରଭାବିତ କରିବ ନାହିଁ, ବିଭିନ୍ନ ସାମଗ୍ରୀ ଉପରେ ଦରଦାମ ବୃଦ୍ଧି ଘଟାଇବ। ଏହା ସତ୍ୟ ଯେ, ଦେଶରେ ମୁଦ୍ରାସ୍ଫୀତି ଉପରମୁହାଁ ହୋଇଥିବାବେଳେ ଏବେ ଋତୁଭିତିକ ପରିବା ଉତ୍ପାଦନ ଚାହିଦା ଅନୁପାତରେ ଯଥେଷ୍ଟ ଅଧିକ ଥିବାର ସୂଚନା ରହିଛି। ଏହାର ପ୍ରଭାବରେ ଲୋକଙ୍କ କ୍ରୟ କରିବାର ସମର୍ଥ ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି ଏବଂ ସ୍ଥିତି କ୍ରମଶଃ ମନ୍ଥର ଆଡକୁ ଗତି କରୁଛି। ଏଭଳି ଏକ ସ୍ଥିତିରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ମାଲହୋତ୍ରାଙ୍କ ପାଇଁ ଏକ ବଡ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଏଭଳି ଏକ ପରିବେଶରେ ନୂଆ ଗଭର୍ଣ୍ଣର ଭାରତୀୟ ଅର୍ଥନୀତିକୁ ନୂତନ ଦିଗ ଦେବ। ଜରୁରୀ ଯାହାକି ତାଙ୍କ ନେତୃତ୍ୱାଧୀନ ଏମପିସିର ପ୍ରଥମ ବୈଠକରେ ନିଷ୍ପତି ଯଥାର୍ଥ ଦିଗରେ ଯାଉଛି ବୋଲି କୁହାଯାଇପାରିବ।

# ମାଙ୍କଡ଼ ହାତରେ ଶାଳଗ୍ରାମ

## ପଙ୍କଜ କୁମାର ପାଣିଗ୍ରାହୀ

ଆମ ଲୋକ କଥାରେ କୁହାଯାଉଥିବା ଏହି ଉକ୍ତିର ମର୍ମ କ'ଣ ଏବଂ
ସାଧାରଣ ଲୋକେ ଏହି ରୂଢ଼ି ଗୁଡିକୁ କିଭଳି ଢଙ୍ଗରେ ଦେଖୁଛନ୍ତି ?
ଏହି ମର୍ମରେ ଆଜି ସମୟରେ ଆମର ପରିସ୍ଥିତି ଏବଂ ଭବିଷ୍ୟ ବିଚାର କରି ଦେଖିବା...

ମାଙ୍କଡ଼ ଗୋଟିଏ ପଶୁ । ତାର ହିତାହିତ ଜ୍ଞାନ ବୋଲି କିଛି ନଥାଏ । ସେ କେବଳ ଖାଇବା ଏବଂ ନିଜର ସୁରକ୍ଷା ବ୍ୟତୀତ ଅନ୍ୟ କୌଣସି ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ । ଇତି ମଧ୍ୟରେ ତାର ମନୋରଞ୍ଜନ ପାଇଁ କେତେବେଳେ ଖେଳକୁଦ ତ ଆଉ କେତେବେଳେ ହିଂସାତ୍ମକ ଦୌଡରେ ନିଜକୁ ସାମିଲ୍ କରୁଥିବା ଦେଖିବାକୁ ମିଳିଥାଏ । ଖାଦ୍ୟ ଉପଯୋଗୀ କୌଣସି ଜିନିଷ ବ୍ୟତୀତ ଅନ୍ୟ କୌଣସି ବସ୍ତୁ, ପଦାର୍ଥ ଉପରେ ତାର କୌଣସି ଆଗ୍ରହ କିମ୍ବା ଜ୍ଞାନ ନଥାଏ । ତେଣୁ କୌଣସି ଖାଦ୍ୟ ବ୍ୟତୀତ ଅନ୍ୟ ଯାହା ତା ହାତରେ ପଡିଲେ ସେଗୁଡିକୁ କେବଳ ଏକ ଖେଳନା ଭଳି ବ୍ୟବହାର କରିବା ଛଡା ଆଉ କିଛି ଜାଣେ ନାହିଁ ସିଏ । ତା ନିଜ ବ୍ୟତୀତ ଆଉ କାହାର ଭଲ ଚିନ୍ତା କରିବା ମାଙ୍କଡ଼ ପାଇଁ ଏକ ସ୍ୱପ୍ନ, ହାସ୍ୟାସ୍ପଦ ବିଷୟ । ମଣିଷ ଶାଳଗ୍ରାମକୁ ଭଗବାନ ବୋଲି ପୂଜା କରୁଥିବା ବେଳେ ତାହା ମାଙ୍କଡ଼ ପାଇଁ ଗୋଟିଏ ପଥର ବ୍ୟତୀତ ଆଉ କିଛି ନୁହେଁ । ତେଣୁ ସେ ତାର ମହତ୍ୱ ତ ଦୂର ତା ବିଷୟରେ କୌଣସି କଥା ଭାବିବା ମଧ୍ୟ ତା ପାଇଁ ଏକ ବିଡମ୍ବନାର ବିଷୟ ।

ଠିକ୍ ସେହିଭଳି ଆମ ସମାଜରେ ରହିଛନ୍ତି କେତେକ ଅଜ୍ଞାନ ଧୂର୍ତ୍ତ ଯାହାଙ୍କୁ ଆମେ ରାଜନେତା ବୋଲି କହିଥାଉ । ସାମୁହିକ ସ୍ୱାର୍ଥରେ କାର୍ଯ୍ୟ କରି ଦେଶକୁ ଶାସନ କରିବା ପାଇଁ ଆମେ କିଛି ମଣିଷଙ୍କୁ ବାଛିଥାଉ । ସେମାନଙ୍କ ହାତରେ ଦେଶର ଶାସନ ଭାର ଟେକିଦେଇ ଆମେ ନିରବ ଯେ ସେମାନେ ଯାହା କରିବେ ଆମେ ସମସ୍ତେ ସେଇଥିରେ ରାଜି । ଯେଉଁମାନଙ୍କୁ ଦେଶର ଶାସନ ଭାର ଟେକିଦେବା ପାଇଁ ଚୟନ କରାଯାଇଥାଏ ସେମାନଙ୍କୁ ସାଧାରଣ ଲୋକଙ୍କ ସମର୍ଥନରେ ବଛାଯାଇଥାଏ । ବିଡମ୍ବନାର ବିଷୟ ଏହାକି ଯେ ସେମାନଙ୍କୁ ଚୟନ କରୁଥିବା ୮୦ ଭାଗରୁ ଅଧିକ ଲୋକ ନିଜର ନେତା ବା ମୁଖିଆଙ୍କ ବିଷୟରେ ସାମାନ୍ୟ ଜ୍ଞାନ ମଧ୍ୟ ପାଇନଥା'ନ୍ତି । କେବଳ କୁହେଳିକା, ପ୍ରହେଳିକା ଏବଂ ସ୍ୱଳ୍ପ କ୍ଷଣ ସ୍ୱାର୍ଥର ପ୍ରକୋପ, ପ୍ରଭାବରେ ସେମାନେ ନିଜର ସମର୍ଥନ ସାବ୍ୟସ୍ତ କରିଥା'ନ୍ତି । ଆଉ ଯେଉଁମାନେ ବଛାଯାଉଥିବା ନେତାଙ୍କ ବିଷୟରେ ସାମାନ୍ୟତମ ଜ୍ଞାନ ରଖିଥା'ନ୍ତି, ସେମାନେ ନିଜର ମତଦାନ କରିବା ପାଇଁ ଯାଆନ୍ତି ନାହିଁ । ତାହାର ସୁଯୋଗରେ କିମ୍ଭୂତ କିମ୍ଭାକାର ମଣିଷ ଗୁଡିଏ ଯାହାଙ୍କ କୌଣସି ମାନବିକ, ନୈତିକ, ସାମାଜିକ ମୂଲ୍ୟବୋଧ କିମ୍ବା ଜ୍ଞାନ ନଥାଏ ସେମାନେ ହୁଅନ୍ତି ଆମର ଶାସକ !

ସେମାନେ ଶାସନ କ୍ଷମତାକୁ ଏକ ଖେଳଘର ଭଳି ବ୍ୟବହାର କରିଥା'ନ୍ତି ଯେମିତି ମାଙ୍କଡ଼ ଖେଳୁଥାଏ ଶାଳଗ୍ରାମ ସହିତ । ସେମାନଙ୍କ ଖେଳ ହୋଇଯାଇ ଥାଏ ସର୍ବସାଧାରଣ ଲୋକଙ୍କ ପାଇଁ କାଳ ! ତାହାପୁଣି ପାଞ୍ଚ ବର୍ଷ ପର୍ଯ୍ୟନ୍ତ ! ଅଦ୍ଭୁତ ସମ୍ବିଧାନ ଆମର ତାହାର ତୁଳନା ନାହିଁ ଯିଏ କ୍ଷମତାଧାରୀଙ୍କ ବିରୁଦ୍ଧରେ କିଛି କରିପାରେ ନାହିଁ । କେବଳ ନିରୀହ, ନିର୍ବୋଧଙ୍କୁ ଦଣ୍ଡ ବିଧାନ କରିବା ପାଇଁ ପ୍ରଯୁଜ୍ୟ ଭାରତୀୟ ସମ୍ବିଧାନ ଯେ କେମିତିକା ଗଣତାନ୍ତ୍ରିକ ସମ୍ବିଧାନ ସେକଥା ହୁଏତ କାହାକୁ ଅଗୋଚର ନୁହେଁ । ପାଞ୍ଚବର୍ଷ ମଧ୍ୟରେ ଖେଳ ଖେଳରେ ସେମାନେ ହୋଇଯା'ନ୍ତି କୋଟି କୋଟି ଟଙ୍କାର ମାଲିକ । ଆଉ ତା ପରେ ସେମାନେ କୁଆଡେ ସମାଜର ଜଣେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଯାହାଙ୍କୁ ଦିଆଯାଇ ଥାଏ ଦେଶର ସର୍ବୋଚ୍ଚ ସମ୍ମାନ ସମୂହ ଭାରତ ରତ୍ନ, ଭାରତ ପଦ୍ମ ବିଭୂଷଣ ଇତ୍ୟାଦି । ସାଧାରଣ ଲୋକେ ସେମାନଙ୍କୁ ସମାଜର ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଭାବେ କେବଳ ପରିଗଣିତ କରନ୍ତି ନାହିଁ ବରଂ ସଭା ସମିତିରେ ସେମାନଙ୍କୁ ଡାକି ପ୍ରେରଣା ନେଇଥା'ନ୍ତି ସତେ ଯେମିତି ସେମାନେ ଜଣେ ଜଣେ ପ୍ରଭୁତୁଲ୍ୟ ଜ୍ଞାନୀ ବ୍ୟକ୍ତି । କି ଆଶ୍ଚର୍ଯ୍ୟଜନକ ଭାବନା ଆମର ଯେ ଏହାର ଆଉ ପରିବର୍ତ୍ତନ ? ! ହା ହା ହା ...

ସମାଜର ସବୁଠାରୁ ନ୍ୟୁନତମ କଦର୍ଯ୍ୟ ମାନସିକତା ବିଶିଷ୍ଟ ଅଜ୍ଞାନ ବ୍ୟକ୍ତିଙ୍କୁ କରାଯାଇ ଥାଏ ଆମର ଶାସକ । ସେମାନେ କୌଣସି କାର୍ଯ୍ୟ କରିବାରେ ଯାହା ଜ୍ଞାନ ରଖିଥା'ନ୍ତି ନକହିବା ଭଲ । ତଥାପି ନିର୍ବୋଧ ବାରମ୍ବାର ସେମାନଙ୍କୁ ହିଁ ନିର୍ବାଚିତ କରି ପଠାଇଥା'ନ୍ତି ଶାସନ କ୍ଷମତାକୁ । ତାହାର ମୁଖ୍ୟ କାରଣ ହେଲା ଯେ ସାଧାରଣ ନିର୍ବୋଧ ମଣିଷ ଗୁଡିକ ମଧ୍ୟ ଏତେ କର୍ମ କୁଢ଼ିଆ ଆଉ ଅଜ୍ଞାନ ଯେ ସେମାନେ କୌଣସି କଥାକୁ ବୁଝି ପାରନ୍ତି ନାହିଁ କି ଜାଣି ପାରନ୍ତି ନାହିଁ । କେବଳ କୁହେଳିକା, ପ୍ରହେଳିକାର ପ୍ରଭାବ ପ୍ରକୋପରେ ନିଜକୁ ଯାହା ଭଲ ଲାଗେ ସେଇଆ କରନ୍ତି । ବାସ୍ତବ ଅବାସ୍ତବ, ସତ୍ୟ ମିଥ୍ୟାର କୌଣସି ସମୀକ୍ଷା ଜ୍ଞାନ ନାହିଁ କାହାରି ପାଖରେ କହିଲେ ଅତ୍ୟୁକ୍ତି ହେବନାହିଁ । ଅଧିକନ୍ତୁ ନିଜର ସମସ୍ତ ରୋଜଗାରକୁ ଟେକି ଦିଅନ୍ତି ସେମାନଙ୍କ ହାତରେ ଯାହା ଦ୍ୱାରା ସମାଜ ଦିନକୁ ଦିନ ନିମ୍ନମୁଖୀ ହେବା ସହିତ ସାଧାରଣ ଲୋକଙ୍କ ଜୀବନ ବିପନ୍ନ ଅବସ୍ଥାକୁ ଅଗ୍ରସର ହେଉଛି । ଆଦୌ ସଚେତନତା ନାହିଁ ଏହି ସବୁ ବିଷୟରେ ଆମ ସମାଜରେ । ତଥାପି ଆମେ ବିଶ୍ୱ ଗୁରୁ ଭଳି ଏକ ମିଥ୍ୟା ଅବାନ୍ତର ଯୁକ୍ତିକୁ ବାଡିଥାଉ ଯାହା ଆମ ଘର ଭିତରେ ଚର୍ଚ୍ଚିତ ହେବା ବ୍ୟତୀତ ଅନ୍ୟାନ୍ୟ ଦେଶ ଗୁଡିକରେ ଆମର ସମ୍ମାନ ମାଟି ତଳେ ।

ଗଛ ଆମର, ପରିଶ୍ରମ ଆମର । ତାହାର ଫଳ ମଧ୍ୟ ଆମର । କି'ନ୍ତୁ ବର୍ଷ ବର୍ଷର ପରିଶ୍ରମର ଫଳକୁ କେବଳ ତୋଳିବା ପାଇଁ ଆଳସ୍ୟ କାରଣରୁ ଗଛ ଉପରେ ରହି ସେହି ଫଳକୁ ଖାଇ ତାର ଅଇଁଠା ଟିକିଏ ତଳକୁ ଫିଙ୍ଗିଦେବା ଫଳକୁ ଖାଇ ଆମେ ସନ୍ତୁଷ୍ଟ ? ! ସେହି ଭଳି ଆମର ଅର୍ଥକୁ ଆତ୍ମସାତ କରି ବିଳାସ ବ୍ୟସନରେ ରହି ତାଙ୍କରି ଅଇଁଠା ଟିକିଏ ପାଇଁ ଆମେ ହିଁ ରହିଥାଉ ପାଞ୍ଚ ବର୍ଷ । ଆଉ ଟିକିଏ ଅଇଁଠା ମିଳିଗଲେ ସତେ ଯେମିତି ଶବରୀର ଅଇଁଠା ଖାଇ ରାମଚନ୍ଦ୍ର ତାକୁ ଧନ୍ୟ କରିଦେବା ଭଳି ଆମେ ମଧ୍ୟ ଧନ୍ୟ କରିଦେଉ ସେମାନଙ୍କୁ ପାଞ୍ଚ ବର୍ଷକୁ ଥରେ । କି ବିଚିତ୍ର ମାନସିକତା ଆମର ? ! ତା ପାଇଁ ସେମାନଙ୍କୁ ଦାୟୀ କରାଯାଇ ପାରିବ ନାହିଁ, କିନ୍ତୁ ପରୋକ୍ଷରେ ସେମାନେ ହିଁ ଦାୟୀ ଯେତିକି ପ୍ରତ୍ୟେକ୍ଷରେ ସମ୍ପୂର୍ଣ୍ଣ ଦାୟୀ କେବଳ ଜନସାଧାରଣ ।

ଅଖଣ୍ଡ କ୍ଷମତାଧାରୀ ଶାସକ ଯୁକ୍ତ ବ୍ୟବସ୍ଥା କେବେହେଲେ ଗଣତନ୍ତ୍ର ହୋଇପାରିବ ନାହିଁ, ଯାହା ଆମ ଦେଶରେ ପ୍ରଚଳିତ । ସେହି ରାଜକୀୟ ଅଖଣ୍ଡ କ୍ଷମତାଧାରୀ ବ୍ୟବସ୍ଥାକୁ ପ୍ରଥମେ ପରିବର୍ତ୍ତନ କରାନଗଲେ ଯେ ଆମେ କେବେହେଲେ ଗଣତାନ୍ତ୍ରିକ ଶାସିତ ହୋଇ ପରିବା ନାହିଁ ଏହା ସର୍ବାଦୌ ଆଜିର ଆହ୍ୱାନ ! ଆମେରିକା, ଇଂଲଣ୍ଡ ଭଳି ବିଭିନ୍ନ ଉନ୍ନତ ରାଷ୍ଟ୍ର ଗୁଡିକରେ ଏମିତି ସମ୍ବିଧାନ ନାହିଁ ଯାହା ଆମ ଦେଶରେ ପ୍ରଚଳିତ । ଆମ ଦେଶର ସମ୍ବିଧାନ କେବଳ ଦୁଇଟି ଶବ୍ଦର ଗୋଟିଏ ଧାଡିରେ ସମାପ୍ତ ହୋଇଥାଏ ଯେଉଁଥିରେ କୋଟି କୋଟି ଲୁକାୟିତ ଆଇନ ରହିଛି ଯାହା କେବଳ ସାଧାରଣ ନିରୀହ ନିର୍ବୋଧ କିମ୍ବା ସଙ୍କୋଚ ଲୋକଙ୍କୁ ଦଣ୍ଡିତ କରିପାରେ । ତାଛଡା କୌଣସି କ୍ଷମତାଧାରୀଙ୍କ ପାଇଁ ଆମ ସମ୍ବିଧାନରେ ଯେଉଁ ଆଇନ ଅଛି ତାହା କେବଳ ସେମାନଙ୍କ ସୁରକ୍ଷା ପାଇଁ ବ୍ୟତୀତ ଦଣ୍ଡ ବିଧାନରେ ଆଦୌ ସହାୟକ ହୋଇନଥାଏ । ତେଣୁ ସାଧାରଣ ଜନତା ଆଜି ନିଷ୍ପେସିତ, ପ୍ରତାରିତ । ସାଧାରଣ ଲୋକଟିଏ ଚାହିଁଲେ ଜଣେ ଅସାମାଜିକ, ଅନୈତିକ କ୍ଷମତାଧାରୀଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିପାରିବ ନାହିଁ । କି'ନ୍ତୁ ଜଣେ କ୍ଷମତାଧାରୀ ସାଧାରଣ ଲୋକଙ୍କୁ ସହଜରେ ତଳିତଳାନ୍ତ କରି ଦେଇ ପାରିବ । ଏହିଭଳି ଏକ ସମ୍ବିଧାନର ପରିବର୍ତ୍ତନ ନହେବା ପର୍ଯ୍ୟନ୍ତ ଆମ ଦେଶ କେବେ ହେଲେ ବିକଶିତ ଦେଶର ମାନ୍ୟତା ପାଇବା ଅସମ୍ଭବ ।

ସେମାନଙ୍କ ମିଥ୍ୟା କୁହେଳିକା ପ୍ରହେଳିକାରେ ବିଭୋର ନିମଗ୍ନ ନିର୍ବୋଧ ଆମ ଯେ ବୁଝିନାହୁଁ ପ୍ରକୃତରେ ଗଣତନ୍ତ୍ର କ'ଣ । କେବଳ ତୁଣ୍ଡ ବଇଦାରେ ଆମେ ଏକ ଗଣତନ୍ତ୍ର ରାଷ୍ଟ୍ରର ନାଗରିକ ବୋଲି କହୁ । ଗଣତନ୍ତ୍ରର ପ୍ରକୃତ ଅର୍ଥକୁ ବୁଝି ନାହାନ୍ତି କେହି । ବରଂ କ୍ରୁର ରାଜତନ୍ତ୍ର ପଛରେ ରହିଥିବା ଅଖଣ୍ଡ ଗୁଣ୍ଡାରାଜ କାରଣରୁ ଭୟଭୀତ ହୋଇ ଅନେକ କଥାକୁ ବିଶ୍ୱାସକୁ ନେଇଥାଉ ଆମେ ଯାହା ସବୁ ସମ୍ପୂର୍ଣ୍ଣ ମିଥ୍ୟା । ସେହି ମିଥ୍ୟାରୁ ନିଜକୁ କ୍ଷାନ୍ତ ରଖିବାକୁ ହେବ । ଅନ୍ୟଥା ବିକାଶର ସଜ୍ଞାକୁ ଆସନ୍ତା ୧୦୦ ବର୍ଷ ପର୍ଯ୍ୟନ୍ତ ମଧ୍ୟ ବୁଝିବାରେ ଅକ୍ଷମ ରହି କେବଳ ନିଷ୍ପେସିତ ପ୍ରତାରିତ ହୋଇ ରହିଥିବା ପିଢ଼ିକୁ ପିଢ଼ି ଯାହା ଆଜି ପର୍ଯ୍ୟନ୍ତ ଆମେ ଦେଖି ଆସୁଅଛେ । ସାଧାରଣ ମଣିଷ ପ୍ରଥମେ ଏଗୁଡ଼ିକୁ ବିଚାର କରିବାକୁ ହେବ ।

ଯେଉଁଆଡେ ଦେଖିବ ସ୍ୱାର୍ଥ ! କଥା କଥାରେ ସ୍ୱାର୍ଥ, ବ୍ୟବସାୟ ! କାହାର କାହାପ୍ରତି ଶ୍ରଦ୍ଧା ନରହିଲେ ମଧ୍ୟ କିଛି ଚଳିଥା'ନ୍ତା, କି'ନ୍ତୁ କ୍ରୋଧ, ଆକ୍ରୋଶ ଭାବ ଯେ ଆମକୁ ଦିନକୁ ଦିନ ତଳିତଳାନ୍ତ କରୁଛି ଏକଥା ବୁଝନ୍ତି ନାହିଁ କେହି । କି ସେମାନଙ୍କୁ ବୁଝାଇବା ପାଇଁ ନାହାନ୍ତି କେହି । ଯେଉଁମାନେ ଅଛନ୍ତି ସେମାନଙ୍କ କୌଣସି ସାମାଜିକ ମାନ୍ୟତା କିମ୍ବା ଗ୍ରହଣୀୟତା ନାହିଁ ଆଜି ସମୟରେ । ଏହିଭଳି ଏକ ପରିସ୍ଥିତି, ପରିବେଶରେ ଆମେ ଯେଉଁ ସବୁ ମିଛି ମିଛିକା ଉନ୍ନତିର ମାର୍ଗ ଗୁଡିକୁ ଦେଖୁଛେ ସେଗୁଡିକ କେବଳ ପାଣିରେ ଗାର ଭଳି । ସାଧାରଣ ନିର୍ବୋଧ ଜନସମୂହ ଏକତ୍ରିତ ହୋଇ ଏକ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ ନକଲେ ଆମେ ନଦେଖିଲେ ମଧ୍ୟ ଆଉ କିଛି ବର୍ଷ ପରେ ଯେ ଦେଶର ପରିସ୍ଥିତି ଭୟାବହ ହେବ ସେଇଥିରେ କୌଣସି ସନ୍ଦେହ ନାହିଁ । କାରଣ ଯାହା ସବୁ ମଣିଷକୁ ଆବଶ୍ୟକ ସେ ବିଷୟରେ କେହି କିଛି ଜାଣନ୍ତି ନାହିଁ କିମ୍ବା କେହି କୁହନ୍ତି ନାହିଁ । ଅନବାଶ୍ୟକ ବିଷୟକୁ ଆଲୋଚନା ଯୁକ୍ତି ତର୍କର କୌଣସି ମୂଲ୍ୟ ନାହିଁ ଯାହା ଆଜି ସର୍ବତ୍ର ପରିଲିକ୍ଷିତ । ଯାହାଙ୍କୁ ଆମେ ସମାଜର ଶିକ୍ଷିତ ଚତୁର ବୋଲି ଭାବୁଛେ ସେ ସମସ୍ତେ ସମ୍ପୂର୍ଣ୍ଣ ଅଜ୍ଞାନତାର ଚରମ ଶୀର୍ଷରେ । ସେମାନଙ୍କ କୁହେଳିକା, ପ୍ରହେଳିକାରେ ନିମଗ୍ନ ଯେ ସମାଜ ଏକ ଅନ୍ଧକାର ଗର୍ତ୍ତ ଅଭିମୁଖୀ ଏ କଥା ମଧ୍ୟ ଆଦୌ ବୁଝିନାହାନ୍ତି କେହି ।

ସଚେତନତା ସୃଷ୍ଟି କରି ସମାଜକୁ ଆଲୋକ ଦେଖାଇବା ଆମ କର୍ତ୍ତବ୍ୟ ବୋଲି ବିଚାରି ଏସବୁ ବର୍ଣ୍ଣନା କରିବାରେ କାହାର ଗ୍ରହଣୀୟତା ଉପରେ ଆମର ବିଶେଷ ଆଲୋକପାତ ନାହିଁ । କାରଣ ସତ୍ୟ ପ୍ରକଟ କଲେ ଯେ ଆଜି ସମୟରେ ଶତ୍ରୁ ସୃଷ୍ଟି ହୋଇଥା'ନ୍ତି ଏ କଥା କାହାକୁ କହିବା ଆବଶ୍ୟକ ନୁହେଁ । ତାହା ସମସ୍ତେ ଜାଣନ୍ତି । ତେଣୁ ଆମ କଥାର ବିଷୟକୁ ଚେତନାକୁ ନେଇ କିଛି ବିଚାରଭାବ ସୃଷ୍ଟି ହେଉଥବା ଲୋକେ ଆମ ସହିତ ଯୋଡି ହୋଇ ଅଧିକ ଜାଣିବାକୁ ଆଗ୍ରହୀ ହେଲେ ଆମ ଦ୍ୱାର ସବୁବେଳେ ଖୋଲା । କାହାକୁ ଯଦି ଅପ୍ରିୟ ସତ୍ୟ ଗୁଡିକ ଭଲ ନଲାଗୁଛି ତାହାଲେ ଆମର କୌଣସି ଶଙ୍କା କିମ୍ବା ଦୁଃଖ ନାହିଁ । ଆସନ୍ତୁ ସତ୍ୟର ଅନୁସନ୍ଧାନ କରି ଆମେ କ'ଣ କରୁଛେ ଏବଂ ଆମକୁ କ'ଣ କରିବା କଥା ସେଗୁଡିକୁ ସମୀକ୍ଷା କରି ଏକ ସୁନ୍ଦର ମଣିଷ ସମାଜ ସୃଷ୍ଟି କରିବା ବୋଲି ଆମର ଆହ୍ୱାନ । ଯଦି କାହାର ମଧ୍ୟ ବାସ୍ତବ ସତ୍ୟକୁ ଜାଣି ନିଜକୁ ତଥା ମଣିଷ ସମାଜକୁ ସୁଧାରିବା ଆଗ୍ରହ ନାହିଁ ତଥାପି ଆମେ ସତ୍ୟର ପ୍ରକଟ କରିଚାଲି ଥିବୁ । ପରିଣତି ଯାହା ହେବ ସମସ୍ତେ ଦେଖିବା....

ୟୁଟ୍ୟୁବ - ସାମାଜିକ ଜନମଂଚ (ଭାରତ)
ଛତ୍ରପୁର, ଗଂଜାମ- ୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭.

# ବିଶ୍ୱ ରେଡ଼ିଓ ଦିବସ

## ଶ୍ୟାମ ସୁନ୍ଦର ସାମଲ




ଟେଲିଭିଜନ, ମୋବାଇଲ, ଇଣ୍ଟରନେଟ, ଟ୍ୟାବଲେଟ ଆଦି ଅତ୍ୟାଧୁନିକ ଉପକରଣଗୁଡ଼ିକର ଲୋକପ୍ରିୟତା ଯେତେ ବୃଦ୍ଧି ପାଇଲେ ବି ନିଜ ଚାହିଦା ବଜାୟ ରଖିଛି ରେଡ଼ିଓ। ଆଜି ବି ଲୋକେ ଏହାର ବ୍ୟବହାର ଜାରି ରଖିଛନ୍ତି। ଏକଦା ମନୋରଞ୍ଜନର ମୁଖ୍ୟ ମାଧ୍ୟମ ବୋଲଉଥିବା ରେଡ଼ିଓ ଏବେ ନୂଆ ରୂପ ଓ ନୂଆ ରଙ୍ଗରେ ଶ୍ରୋତାଙ୍କ ମନ କିଣିବାରେ ସଫଳ ହୋଇଛି। ଖବର ପ୍ରସାରଣର ଅନ୍ୟତମ ପ୍ରମୁଖ ମାଧ୍ୟମ ଭାବେ ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। ଅନ୍ୟ ବୈଦ୍ୟୁତିକ ଗଣମାଧ୍ୟମ ତୁଳନାରେ ସବୁ ପରିସ୍ଥିତିରେ ଓ ସବୁ ସ୍ଥାନରେ ପହଞ୍ଚି ଅଗଣିତ ଶ୍ରୋତାଙ୍କ ବିଶ୍ୱାସଭାଜନ ହୋଇପାରିଛି। ଚାଷୀ, ମୂଲିଆ, ମଜୁରିଆ ଶ୍ରେଣୀର ଲୋକଙ୍କ ପାଇଁ ରେଡ଼ିଓ ମନୋରଞ୍ଜନର ଏକ ମୁଖ୍ୟ ମାଧ୍ୟମ। ସେତିକି ନୁହେଁ, ଅଧିକାଂଶ ସମ୍ଭ୍ରାନ୍ତଙ୍କ ପାଇଁ ମଧ୍ୟ ଏହା ଖବର ପ୍ରେରଣର ଏକ ମାଧ୍ୟମ। ରେଡ଼ିଓ ଯେମିତି ସେମାନଙ୍କ ପରମ୍ପରା ସହିତ ଯୋଡ଼ି ହୋଇ ରହିଛି। ବିନା ବିଜୁଳିରେ ଚାଲୁଥିବାରୁ ବିପର୍ଯ୍ୟୟ ସମୟରେ ଏହାର ଆବଶ୍ୟକତା ବଢ଼ିଯାଏ। ଏବେ ଦୁର୍ଗମ ଅଞ୍ଚଳରେ କମ୍ୟୁନିଟି ରେଡ଼ିଓର ଆଦର ବଢୁଛି।

ଇଣ୍ଟରନେଟ, ଟିଭି, ମୋବାଇଲ ଅଚଳ ହୋଇପଡ଼ିଥିବାବେଳେ ରେଡ଼ିଓ ଯୋଗଯୋଗ ବଜାୟ ରଖିଥାଏ। ସ୍ପାନିଶ ରେଡ଼ିଓ ଏକାଡ଼େମୀର ପ୍ରସ୍ତାବ ଏବଂ ଜାତିସଂଘର ଅନୁମୋଦନ କ୍ରମେ ୨୦୧୨ରୁ ପ୍ରତିବର୍ଷ ଫେବୃଆରୀ ୧୩ ତାରିଖ ବିଶ୍ୱ ରେଡ଼ିଓ ଦିବସ ପାଳନ କରାଯାଉଛି। ଏହାର ପ୍ରଚାର ପ୍ରସାର ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଜର୍ମାନୀର ହେନରିଚ୍ ହର୍ଜ, ଋଷିଆର ଆଲେକ୍‌ଜାଣ୍ଡର ପୋପୋଭ, ଫ୍ରାନ୍ସର ଏଡ଼ୱାର୍ଡ଼, ଆମେରିକାର ନିକୋଲା ଡିସ୍‌ଲା, ଇଟାଲିର ଗ୍ୟୁଗ୍ଲିଏଲମୋ ମାର୍କୋନି, ବ୍ରିଟେନର ଅଲିଭର୍ ଲଜ, ଭାରତର ଚନ୍ଦ୍ର ବସୁ। ରେଡ଼ିଓର ପ୍ରଚାର ପ୍ରସାରରେ ଏମାନେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ଏମାନଙ୍କ ଅବଦାନକୁ ମନେ ପକାଇବା ପାଇଁ ଏହି ଦିବସର ଅନ୍ୟତମ ମୁଖ୍ୟ ଉଦ୍ଦେଶ୍ୟ।

ବିଡ଼ାନାସୀ ବନ୍ଧଛକ, କଟକ, ଦୂରଭାଷ : ୯୭୭୮୬୩୫୯୨୬

# ଗାଳ୍ପିକ କୃଷ୍ଣପ୍ରସାଦ

## ବାଦଲ ଭୂୟାଁ

ବିଂଶ ଶତାବ୍ଦୀର ଓଡ଼ିଆ ଗଦ୍ୟ ସାହିତ୍ୟର ଅନ୍ୟତମ ଶ୍ରେଷ୍ଠ ସ୍ରଷ୍ଟା ଡ.କୃଷ୍ଣପ୍ରସାଦ ମିଶ୍ର। ୧୯୫୬ରେ ବନାରସ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପାଠ୍ୟକ୍ରମରେ, ଦର୍ଶନଶାସ୍ତ୍ରରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇଥିଲେ। ତାହାପରେ ଆଇନ ପଢ଼ି ଅଳ୍ପ କିଛି କାଳ ଓକିଲାତି କରିଥିଲେ। ତେବେ, ଅଧ୍ୟାପନା ବୃତ୍ତି ପ୍ରତି ପ୍ରବଳ ଆଗ୍ରହ ଥିଲା। ତେଣୁ ସର୍ବଭାରତୀୟ ପ୍ରଶାସନିକ ସେବାର ଆଲାଏଡ୍ ସର୍ଭିସ୍ ପାଇଁ ମନୋନୀତ ହୋଇଥିଲେ ହେଁ, ସେଥିରେ ଯୋଗ ନଦେଇ ୧୯୫୯ରେ ଅଧ୍ୟାପକ ଜୀବନ ଆରମ୍ଭ କରିଥିଲେ। ୧୯୫୯-୬୩ ବିଜେବି ଓ ଏସ୍‌ସିଏସ୍ କଲେଜରେ ଅଧ୍ୟାପନା। ତାହାପରେ କମନ୍‌ୱେଲଥ ସ୍କଲାରସିପ୍ ପାଇ, କାନାଡ଼ାର ଟରୋଣ୍ଟୋ ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡ଼ି କରିଥିଲେ। ୧୯୬୮ରେ ଡ.କୃଷ୍ଣପ୍ରସାଦ ଉତ୍କଳ ବିଶ୍ୱବିଦ୍ୟାଳୟରେ ପ୍ରାଧ୍ୟାପକ ଭାବେ ଯୋଗ ଦେଇଥିଲେ। ୧୯୮୪ରେ ପ୍ରଫେସର ପଦ ମଣ୍ଡନ କରିଥିଲେ। ୧୯୮୮ରେ ଓଡ଼ିଆ ଦର୍ଶନ କଂଗ୍ରେସର ସଭାପତି ପଦ ଅଳଂକୃତ କରିଥିଲେ। ସାରା ଜୀବନ ସାହିତ୍ୟ ସେବା ଓ ଅଧ୍ୟାପନାରେ କଟିଥିଲା।

ସେ ଥିଲେ ସୁଲେଖକ ଓ ସୁବକ୍ତା। ତାଙ୍କ ସାହିତ୍ୟିକ ଜୀବନ ଓ ଅଧ୍ୟାପକ ଜୀବନ ସମାନ୍ତରାଳ ଭାବେ ଗତି କରିଥିଲା। ସାହିତ୍ୟର ବିଭିନ୍ନ ବିଭାଗରେ ସେ ଲେଖନୀ ଚାଳନା କରିଥିଲେ ହେଁ ମୁଖ୍ୟତଃ ଥିଲେ ଗାଳ୍ପିକ। ସେ ଶତାଧିକ ଗଳ୍ପର ସ୍ରଷ୍ଟା। ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପକୁ ପାରମ୍ପରିକ ପ୍ରବାହରୁ ଦୂରେଇ ନବ ରୂପ ଦେବାକୁ ସାଧ୍ୟ ମତେ ଚେଷ୍ଟା କରିଥିଲେ। ତାଙ୍କ ଗଳ୍ପ କେତେବେଳେ ଆନ୍ତର୍ଜାତିକ ଚେତନା ଭିତ୍ତିକ କେତେବେଳେ ସମାଜ ଧର୍ମୀ। ପୁଣି କେତେବେଳେ ପ୍ରଥମ ପୁରୁଷରେ ରଚିତ। ତାଙ୍କ ଗଳ୍ପରୁ ଦାର୍ଶନିକ ଚେତନାର ସୁଗନ୍ଧ ମିଳେ। ସେ ଅନେକ ମିନିଗଳ୍ପ ମଧ୍ୟ ଲେଖିଯାଇଛନ୍ତି। ନାଏଗ୍ରା ଓ ଦେବଯାନୀ, ଟ୍ରୋଜାନ ଅଶ୍ୱ, ଚିତ୍ରିତ ଚାଦର, କ୍ରୀତଦାସୀର କାବ୍ୟ, ସନାତନ ଓଝା ଗଲେ କୁଆଡ଼େ ?, ଜଣେ ହିପି ତରୁଣୀର ଇତିବୃତ୍ତ, ନିଜକୁ ନାୟକ କରି, ଆଦି ତାଙ୍କର କେତେକ ପ୍ରସିଦ୍ଧ ଗପ। ୧୯୯୪ ଫେବୃଆରୀ ଆଜିର ଦିନରେ ଏହି ପ୍ରସିଦ୍ଧ ଗାଳ୍ପିକଙ୍କର ପରଲୋକ ହୋଇଥିଲା।

୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭-ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୯୨୦୪୬୫୨୦୬୫

# ମହାକୁମ୍ଭ ଭିଡ଼କୁ ଭୟ କରୁଛନ୍ତି : ଏହା ଫୋବିୟା ନୁହେଁ ତ ?

## ଡାକ୍ତର ସମ୍ରାଟ କର

ପ୍ରୟାଗରାଜର ମହାକୁମ୍ଭରେ ଏବେ ସମଗ୍ର ଭାରତବାସୀ ଏକ ପ୍ରକାର ନିଜକୁ କୁମ୍ଭ ମନସ୍କ କରୁଥିବାବେଳେ ମୋର ଜଣେ ପରିଚିତ ସମାଜସେବୀ ବନ୍ଧୁ ତ୍ରିନାଥ ବାବୁ ନିଜେ କୁମ୍ଭମେଳାକୁ ଯିବେ କିମ୍ବା ନାହିଁ ଏ ନେଇ ମାନସିକ ଭାବେ ଦୋଦୁଲ୍ୟମାନ ସ୍ଥିତିରେ ଥିବାବେଳେ ମୋତେ ସାକ୍ଷାତକରି କହିଲେ ସାର ବିଶ୍ୱର ସର୍ବବୃହତ୍ତ ଧାର୍ମିକ ମହୋତ୍ସବ ମହାକୁମ୍ଭର ସଙ୍ଗମରେ ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଅନେକ ବଡ଼ ବଡ଼ ନେତା, ବିଦେଶୀ କୂଟନୀତିଜ୍ଞ, ସମାଜର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଏବଂ ଅନେକ ସେଲିବ୍ରେଟି ଯଥା ଅନୁପଖେର, ହେମାମାଳିନୀ, ସୋନୁ ସୁଦ୍ ପ୍ରମୁଖ ମହାକୁମ୍ଭରେ ପବିତ୍ର ସ୍ନାନ କରି ସାରିଲେଣି। ଅଥଚ ଏକ ସାକ୍ଷାତକାରରେ ହାସ୍ୟ ଅଭିନେତ୍ରୀ ଭାରତୀ ସିଂହ ମହାକୁମ୍ଭକୁ ଯିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ତାଙ୍କ କହିବା ଅନୁଯାୟୀ ତାଙ୍କର କୁମ୍ଭ ମେଳାକୁ ଯିବାକୁ ବହୁତ ଇଚ୍ଛା ଥିଲେ ମଧ୍ୟ ସେଠାରେ ଯେଉଁଭଳି ଶ୍ରଦ୍ଧାଳୁଙ୍କ ଅଭୂତପୂର୍ବ ସମାଗମ ଓ ଭିଡ଼ ଘଟୁଛି ତେଣୁ ସେଠାରେ କୌଣସି ଅଘଟଣ ଘଟିବାର ସମ୍ଭାବନା ରହିଛି। ସେ ଏହା ମଧ୍ୟ କହିଛନ୍ତି ଯେ, ଏତେ ଲୋକଙ୍କ ଭିଡ଼ ଭିତରେ ସେ ଚେତାଶୂନ୍ୟ ହୋଇଯାଇପାରନ୍ତି କିମ୍ବା ତାଙ୍କ ପୁଅ ଓ ସେ ଅଲଗା ହୋଇଯାଇ ପାରନ୍ତି। ମୁଁ ତ୍ରିନାଥ ବାବୁଙ୍କ ଠାରୁ ଏସବୁ ଶୁଣିବା ପରେ କହିଲି ପବିତ୍ର ସଙ୍ଗମ ନଗରୀରେ ଆରମ୍ଭ ହୋଇଛି ବିଶ୍ୱ ପ୍ରସିଦ୍ଧ ମହାକୁମ୍ଭ। ସକଳ ପାପରୁ ମୁକ୍ତି ପାଇଁ ଜୀବନରେ ସଫଳତା ଲାଭ ପାଇଁ ବିଶ୍ୱର ପ୍ରତ୍ୟେକ କୋଣରୁ ଶ୍ରଦ୍ଧାଳୁମାନେ ଏଠି ଏକାଠି ହେଉଛନ୍ତି। କୁମ୍ଭ କେବଳ ଏକ ଧାର୍ମିକ ଆୟୋଜନ ନୁହେଁ ଏହା ମଧ୍ୟ ଜଣଙ୍କର ମାନସିକ, ଆସ୍ଥା, ବିଶ୍ୱାସ ଓ ପରମ୍ପରାର ଅଦ୍ୱିତୀୟ ମିଳନ। ନିର୍ଦ୍ଦିଷ୍ଟ ତିଥିରେ ପବିତ୍ର ନଦୀରେ ବୁଡ଼ ପକାଇଲେ ପାପ ମୋଚନ ତଥା ପୁଣ୍ୟ ଅର୍ଜନ କରିବାର ବିଶ୍ୱାସ ରହିଛି। ଏଥିରେ ନକ୍ଷତ୍ର ବିଜ୍ଞାନ, ଆଧ୍ୟାତ୍ମିକତା ଓ ଭୂଗୋଳର ମିଳନ ହେବା ସହ ଆସ୍ଥା ଓ ବିଜ୍ଞାନ ମଧ୍ୟରେ କୌଣସି ଯେ ପାର୍ଥକ୍ୟ ନାହିଁ ବରଂ ଉଭୟ ମିଳିତ ଭାବେ ମାନବତାର ମାର୍ଗ ଦର୍ଶନ କରନ୍ତି ମହାକୁମ୍ଭମେଳା ଆମକୁ ଏହି ଶିକ୍ଷା ଦିଏ। ତେବେ ବାସ୍ତବରେ ଏହା ହେଉଛି କିଛି ଲୋକମାନଙ୍କର ମାନସିକ ଭାବନାର ଏକ ପ୍ରକାର ଭୟ। ମାତ୍ର ମାତ୍ରାଧିକ ହେଲେ ନିଜର ଦୈନନ୍ଦିନ କାର୍ଯ୍ୟରେ ବାଧା ସୃଷ୍ଟି କରେ। ତାକୁ ରୋଗ ବୋଲି କୁହାଯାଏ। ଓ ମାନସିକ ରୋଗ ଚିକିତ୍ସକଙ୍କୁ ଦେଖାଇ ଔଷଧ ଖାଇଲେ ଏ ରୋଗରୁ ଉପଶମ ମିଳିଥାଏ।

ଫୋବିୟା କ'ଣ : ଫୋବିୟା ହେଉଛି କୌଣସି ସ୍ଥାନ, ବସ୍ତୁ, କାର୍ଯ୍ୟ ଓ ପରିସ୍ଥିତି ପ୍ରତି ଅହେତୁକ ଭୟ। ଯେପରିକି କେତେକ ଲୋକ ଭିଡ଼ ଭିତରକୁ ଯିବାକୁ ଭୟ କରନ୍ତି, ଉଚ୍ଚ ସ୍ଥାନକୁ ଯିବାକୁ ଭୟ କରନ୍ତି, ଘରୁ ରାସ୍ତାକୁ ଯିବାକୁ ଭୟ କରନ୍ତି, କୌଣସି ଜୀବଜନ୍ତୁ କିଛି କ୍ଷତି କରିବ ନାହିଁ ଜାଣି ମଧ୍ୟ ତାକୁ ଭୟ କରନ୍ତି। ସେଥିଯୋଗୁଁ ସେମାନେ ସେହି ସ୍ଥାନ, ବସ୍ତୁ ବା କାର୍ଯ୍ୟଠାରୁ ଦୂରେଇ ରହିବାକୁ ଚାହାନ୍ତି। ପ୍ରାୟ ପ୍ରତ୍ୟେକ ଲୋକଙ୍କ ଠାରେ ଏକ ପ୍ରକାର ଭୟ ଅଳ୍ପ ଅଧିକେ ଥାଏ ମାତ୍ର ଯେତେବେଳେ ଅତ୍ୟଧିକ ହୋଇ ମାନସିକ ବ୍ୟଥା ଦିଏ ଏବଂ ନିଜର ଦୈନନ୍ଦିନ କାର୍ଯ୍ୟରେ ବାଧା ସୃଷ୍ଟି କରେ ସେତେବେଳେ ଏହା ଏକ ରୋଗ ବୋଲି ଧରାଯାଏ। ଅସ୍ୱାଭାବିକ ପରିସ୍ଥିତିର ଭୟାବହତାକୁ ସମ୍ଭାବନା କରି ଲୋକଟିର ମନରେ କଷ୍ଟ ହୋଇଥାଏ। ତେଣୁ ସେ ଏପରି ପରିସ୍ଥିତି ଠାରୁ ଦୂରେଇ ରହିବାକୁ ଚେଷ୍ଟା କରେ ଏବଂ ଏହାର ସାମନା କଲେ ଆତଙ୍କିତ ହୋଇଯାଏ।

ଆଗାରୋଫୋବିୟା : କୌଣସି ପରିସ୍ଥିତି ପ୍ରତି ଅସ୍ୱାଭାବିକ ଭୟକୁ ଆଗାରୋଫୋବିୟା ବୋଲି କୁହାଯାଏ। ସାଧାରଣତଃ ଏ ପ୍ରକାର ଫୋବିୟା ଲୋକମାନଙ୍କ ଠାରେ ଅଧିକ ଦେଖାଯାଏ। ପୁରୁଷମାନଙ୍କ ତୁଳନାରେ ସ୍ତ୍ରୀ ଲୋକମାନଙ୍କ ଠାରେ ଅଧିକ ହୋଇଥାଏ। ଏ ପ୍ରକାର ଫୋବିୟାରେ ମନୁଷ୍ୟ ଯେତେବେଳେ ନିଜ ପରିବାର ବା ଚିରାଚରିତ ପରିସ୍ଥିତିରୁ ଦୂରେଇଯାଏ ତାକୁ ଅହେତୁକ ଭୟ ଲାଗିଥାଏ। ଗୋଟିଏ ପରିସ୍ଥିତିରୁ ଆଉ ଗୋଟିଏ ପରିସ୍ଥିତିକୁ ଗଲେ ଲୋକଟି ହଠାତ୍ ବିଚଳିତ ହୋଇପଡ଼େ। ତାକୁ ସାହାଯ୍ୟ କରିବାକୁ କେହି ନଥାନ୍ତି। ସେହି ପରିସ୍ଥିତିକୁ ମୁକାବିଲା କରିବା ପାଇଁ ତା'ର ସାହାସ ହୁଏ ନାହିଁ କି ସେ ଉପାୟ ପାଏ ନାହିଁ। ତେଣୁ ସେ ବିବ୍ରତ ହୋଇଯାଏ। ଉଦାହରଣ ସ୍ୱରୂପ ଘର ଠାରୁ ଦୂରରେ ଏକା ରହିବା, ଭିଡ଼ ଭିତରେ ରହିଯିବା, ଟ୍ରେନ୍, ବସ୍ ଆଦିରେ ଏକାକୀ ବୁଲିବା ଇତ୍ୟାଦି କାର୍ଯ୍ୟଗୁଡ଼ିକୁ ସେ ସମ୍ମୁଖୀନ ହୋଇପାରେ ନାହିଁ। ଧୀରେ ଧୀରେ ପରିସ୍ଥିତି ଅଧିକ ଜଟିଳ ହୋଇଥାଏ। ଲୋକଟିର ନିଜର ଦୈନନ୍ଦିନ କାର୍ଯ୍ୟ ବାଧାପ୍ରାପ୍ତ ହୁଏ। ସେ ବାହାରକୁ ନ ଯାଇ ଘର ଭିତରେ ରହିବାକୁ ଭଲ ପାଏ। କେବଳ ଜଣେ ଦି'ଜଣ ବିଶ୍ୱସ୍ତ ଲୋକଙ୍କ ସହିତ ଘର ଛାଡ଼ିଯାଏ।

ପ୍ରଭାବ : ଏହା ସାଧାରଣତଃ ସ୍ତ୍ରୀଲୋକମାନଙ୍କ ଠାରେ ଅଧିକ ଦେଖାଦେଇଥାଏ। ଏ ରୋଗ ପ୍ରାୟତଃ ୨୫-୩୫ ବର୍ଷ ବୟସରେ ହଠାତ୍ ଆରମ୍ଭ ହୋଇଥାଏ। ଧୀରେ ଧୀରେ ଏହା ଅତ୍ୟଧିକ ହୋଇଥାଏ ଏବଂ ନିଜର ଦୈନନ୍ଦିନ କାର୍ଯ୍ୟରେ ବାଧାପ୍ରାପ୍ତ ହୋଇଥାଏ।

କାରଣ : ଏହା ସେରୋଟୋନିନ୍, ଗାବା, ଆଡ୍ରେନାଲିନ୍, ଡୋପାମିନ ଆଦି ମସ୍ତିଷ୍କରେ ଥିବା ସ୍ନାୟୁରସର ବିଶୃଙ୍ଖଳତା ଯୋଗୁଁ ହୋଇଥାଏ। ଏକ ସୂତ୍ରରୁ ଜଣାପଡ଼ିଛି ଯେ ନିଜର ରକ୍ତ ସମ୍ପର୍କୀୟ ଲୋକମାନଙ୍କ ଠାରେ ଏ ରୋଗ ଥିଲେ ଅନ୍ୟମାନଙ୍କୁ ହେବାର ସମ୍ଭାବନା ଅଧିକ ଥାଏ। ତେଣୁ ଏହା ବଂଶଗତ ହୋଇପାରେ।

ଚିକିତ୍ସା : ଏହି ରୋଗର ଲକ୍ଷଣ ଦେଖାଦେଲେ ଶୀଘ୍ର ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ। ଏହି ରୋଗର ଚିକିତ୍ସା, ଔଷଧ ଓ ମନସ୍ତାତ୍ତ୍ୱିକ ଚିକିତ୍ସା ଦ୍ୱାରା କରାଯାଇଥାଏ। ଏହି ରୋଗରେ ମନରୁ ଅହେତୁକ ଭୟ ଦୂର କରିବା ପାଇଁ ଔଷଧ ଅତ୍ୟନ୍ତ ଉପଯୋଗ ହୋଇଥାଏ। ମନସ୍ତାତ୍ତ୍ୱିକ ଚିକିତ୍ସା ଦ୍ୱାରା ରୋଗୀ ମନରେ ଜନ୍ମିଥିବା ଅହେତୁକ ଭୟକୁ ବୁଝାସୁଝା ଦ୍ୱାରା କମ୍ କରାଯାଇଥାଏ। ଫଳରେ ରୋଗୀ ମନରୁ ଭୟ କମିଯାଏ। ଏହି ରୋଗ ଯଦିଓ କୌଣସି କାରଣରୁ ଜନ୍ମ ନେଇ ନଥାଏ ତଥାପି ଅନେକ କ୍ଷେତ୍ରରେ ପରିସ୍ଥିତିର ଅନୁଭୂତି ହିଁ ତାର ଭୟର କାରଣ ହୋଇଥାଏ। ଏହାକୁ ରୋଗ ବୋଲି ଭାବି ମାନସିକ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ଚିକିତ୍ସା କଲେ ଏହି ରୋଗରୁ ଉପଶମ ମିଳିଥାଏ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩



# ସମାଜରୁ କଳୁଷତା ଓ ନକରାତ୍ମକ ଭାବନା ଦୂରକରି ବିଶ୍ୱକଲ୍ୟାଣ ଓ ଶାନ୍ତି ପ୍ରତିଷ୍ଠା ଲକ୍ଷ୍ୟ
# ୧୪ ରୁ ଶ୍ରୀକ୍ଷେତ୍ରରେ ୪ ଦିନିଆ ନିଖିଳ ଉତ୍କଳ ଦିବ୍ୟଜୀବନ ଆଧ୍ୟାତ୍ମିକ ସମ୍ମିଳନୀ

ଭୁବନେଶ୍ୱର,୧୨।୨ (ନି.ପ୍ର) : ଭାରତୀୟ ଧର୍ମସଂସ୍କୃତି ଓ ଆଧ୍ୟାତ୍ମିକ ଜ୍ଞାନର ପ୍ରଚାର ଓ ପ୍ରସାର ସହିତ ମାନବ ସମାଜକୁ ସେବା, ପ୍ରେମ, ଦାନ, ପବିତ୍ରତା, ଧ୍ୟାନ ଓ ଈଶ୍ୱର ସାକ୍ଷାତକାର ଆଦି ମହତ୍‌ବାଣୀରେ ଉଦ୍‌ବୁଦ୍ଧ କରିବା ଉଦ୍ଦେଶ୍ୟରେ ଦିବ୍ୟଜୀବନ ସଂଘ ଆନୁକୂଲ୍ୟରେ ୩୮ତମ ନିଖିଳ ଉତ୍କଳ ଦିବ୍ୟଜୀବନ ସଂଘ ପକ୍ଷରୁ ଆଧ୍ୟାତ୍ମିକ ସମ୍ମିଳନୀର ଆୟୋଜନ କରାଯାଇଅଛି । ଚଳିତ ଫେବୃୟାରୀ ମାସ ୧୪ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ଶ୍ରୀକ୍ଷେତ୍ର ପୁରୀସ୍ଥିତ ଚିଦାନନ୍ଦ ତପୋବନ ଶାନ୍ତି ଆଶ୍ରମ, ବାଲିଗୁଆଲିଠାରେ ଆୟୋଜିତ ହେଉଥିବା ଏହି ଦିବ୍ୟ ସମ୍ମିଳନୀରେ ଗଜପତି ମହାରାଜା ତଥା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଆଦ୍ୟସେବକ ଦିବ୍ୟସିଂହଦେବ ମୁଖ୍ୟ ଅତିଥି ଭାବେ ଯୋଗ ଦେଉଥିବା ବେଳେ ଦିବ୍ୟଜୀବନ ସଂଘ ମୁଖ୍ୟାଳୟ ଋଷିକେଶର ଉପାଧକ୍ଷ ପୂଜ୍ୟ ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ମହାରାଜ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିବେ। ଦିବ୍ୟଜୀବନ ସଂଘ ମୁଖ୍ୟାଳୟ ଋଷିକେଶର ସାଧାରଣ ସମ୍ପାଦକ ସ୍ୱାମୀ ଅଦ୍ୱୈତା ନନ୍ଦ ସରସ୍ୱତୀ ମହାରାଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଥିବା ଏହି ସମ୍ମିଳନୀରେ ଦେଶର ବହୁ ବିଶିଷ୍ଟ ସାଧୁ, ସନ୍ଥ, ମହାତ୍ମା ଓ ଆଚାର୍ଯ୍ୟବୃନ୍ଦ ଯୋଗଦେବାର କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇଛି । ମଙ୍ଗଳବାର ଅପରାହ୍ନରେ ୟୁନିଟ୍-୨ ନମ୍ବର ଅଶୋକନଗରସ୍ଥିତ ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ ମହାରାଜ, ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ ମହାରାଜ, ସ୍ୱାମୀ କୃଷ୍ଣାନାଦାସନନ୍ଦ ସରସ୍ୱତୀ ମହାରାଜ ଏବଂ ପୁରୀସ୍ଥିତ ଚିଦାନନ୍ଦ ଶାନ୍ତି ଆଶ୍ରମର ଟ୍ରଷ୍ଟି ଅଦ୍ୱୈତ ପ୍ରସାଦ ବିଶ୍ୱାଳ ଓ ସମ୍ପାଦକ ଜୟଦେବ ଆଚାର୍ଯ୍ୟ ପ୍ରମୁଖ ଆଧ୍ୟାତ୍ମିକ ସମ୍ମିଳନୀ ବାବଦରେ ବିସ୍ତୃତ ସୂଚନା ଦେଇ କହିଥିଲେ ଯେ, ୧୯୩୬ ମସିହାରେ ସ୍ୱାମୀ ଶିବାନନ୍ଦ ସରସ୍ୱତୀ ମହାରାଜ ଦିବ୍ୟଜୀବନ ପ୍ରତିଷ୍ଠା କରିଥିଲେ । ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଭାରତୀୟ ଧର୍ମ ସଂସ୍କୃତି ଓ ଆଧ୍ୟାତ୍ମିକ ଜ୍ଞାନର ପ୍ରଚାର ଓ ପ୍ରସାରକୁ ବ୍ୟାପକ କରାଇବା । "ଭଲ ହୁଅ, ଭଲ କର, ଦୟାଳୁ ହୁଅ ଏବଂ ମୁଁ କିଏ ତାହାର ଅନୁସନ୍ଧାନ କର ଏବଂ ମାନବ ଜୀବନର ମହାନ୍ ଲକ୍ଷ୍ୟ ଆତ୍ମସାକ୍ଷାତକାର ଲାଭକର ।" ଏହି ବାଣୀ ମାନବ ସମାଜରେ ପ୍ରଚାର କରିବାକୁ ମଧ୍ୟ ଆହ୍ୱାନ ଦିଆଯାଇଛି । ସେମାନେ କହିଲେ ଯେ, ବର୍ତ୍ତମାନ ସମୟରେ ନକରାତ୍ମକ ଆସୁରୀ ପ୍ରବୃତି ଯଥାର୍ଥ ଭାବେ ପ୍ରତିହତ କରିବା ପାଇଁ ଆଧ୍ୟାତ୍ମିକ ସମ୍ମିଳନୀର ଆୟୋଜନ ନିହାତି ଜରୁରୀ ହୋଇପଡ଼ିଛି। କାରଣ କଳିଯୁଗରେ ଗୋଟିଏ ଆଧ୍ୟାତ୍ମିକ ସମ୍ମିଳନୀ ଶହେ ରାଜସୂୟ ଯଜ୍ଞ ବା ସୋମ ଯଜ୍ଞ ସହିତ ସମାନ। ଏହାର ଆଧ୍ୟାତ୍ମିକ ତରଙ୍ଗ ବାତାବରଣକୁ ଶୁଦ୍ଧ ତଥା ଜନସମାଜରେ ସାତ୍ତ୍ୱିକ ଭାବ ସୃଷ୍ଟିକରି ଓ ସାମଗ୍ରିକ ଭାବେ ଆଧ୍ୟାତ୍ମିକ ଚେତନାର ଜାଗରଣ କରାଇବାରେ ସାହାଯ୍ୟ କରିଥାଏ। ଆଧ୍ୟାତ୍ମିକ ସମ୍ମିଳନୀ ସହିତ ସଦ୍‌ଭାବନା ସଭାର ଆୟୋଜନ କରାଯାଇଅଛି, ଯାହାର ଆଧାର ବସୁଧୈବ କୁଟୁମ୍ବକମ୍ ନୀତି ଉପରେ ପର୍ଯ୍ୟବେଶିତ । ସମୟର ଆହ୍ୱାନ ଅନୁଯାୟୀ ସବୁ ଧର୍ମର ମତ ଓ ସବୁ ମାର୍ଗର ମୁଖ୍ୟ ଆଚାର୍ଯ୍ୟମାନେ ଏଥିରେ ସାମିଲ୍ ହେଉଛନ୍ତି । ଆମ୍ଭମାନଙ୍କ ମଧ୍ୟରେ ଥିବା ମତପାର୍ଥକ୍ୟର ଊର୍ଦ୍ଧ୍ୱକୁ ଯାଇ କିପରି ବିଶ୍ୱକଲ୍ୟାଣ ଓ ଶାନ୍ତି ପ୍ରତିଷ୍ଠା ହୋଇପାରିବ, ତାହାର ମାର୍ଗଦର୍ଶନ କରିବେ । ଏହି ଆଧ୍ୟାତ୍ମିକ ସମ୍ମିଳନୀରେ ୩ ହଜାରରୁ ଊର୍ଦ୍ଧ୍ୱ ପ୍ରତିନିଧି ଅଂଶଗ୍ରହଣ କରିବେ ବୋଲି ସେମାନେ ସୂଚନା ଦେଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଡିଭାଇନ୍ ଲାଇଫ୍ ସୋସାଇଟି, ଚନ୍ଦ୍ରଶେଖରପୁର ଶାଖାର ପ୍ରଫେସର ବିଶ୍ୱମୋହନ ପଟ୍ଟନାୟକ ଓ ପ୍ରଭାକର ମହାରଣା, ଭୁବନେଶ୍ୱର ଶାଖାର ରାଧାବଲ୍ଲଭ ସିଂ ଓ କେ.ଭି. ଶିବାନନ୍ଦ ରାଓ ଏବଂ ଚିଦାନନ୍ଦ ଶାନ୍ତି ଆଶ୍ରମ ଟ୍ରଷ୍ଟ, ପୁରୀ ବାଲିଗୁଆଳି ଆଶ୍ରମର ସଭାପତି ଅକ୍ଷୟ କୁମାର ଦାଶ ପ୍ରମୁଖ ମଧ୍ୟ ସମ୍ମିଳନୀର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ ।



# ଭାରତର ସବୁ ପ୍ରାନ୍ତରେ ଔଷଧ ପହଂଚାଉଛି ଆମାଜନ ଫାର୍ମାସି

ଭୁବନେଶ୍ୱର,୧୨।୨ (ନି.ପ୍ର) : ଆମାଜନ୍ ଫାର୍ମାସି ଏହାର ମାର୍କେଟପ୍ଲେସ୍ ମାଧ୍ୟମରେ ଭାରତରେ ୧୦୦% ସେବାଯୋଗ୍ୟ ପିନକୋଡରେ ସଂଚୟ ଏବଂ ଭରସାଯୋଗ୍ୟ ଡୋରଷ୍ଟେପ୍ ଡେଲିଭରି ସହିତ ଗ୍ରାହକଙ୍କୁ ଘରେ ବସି ଅନଲାଇନରେ ଔଷଧ ଅର୍ଡର କରିବାର ସୁବିଧା ପ୍ରଦାନ କରୁଛି। ଯେବେକି ଗ୍ରାହକଙ୍କୁ ଲାଇସେନ୍ସପ୍ରାପ୍ତ ବିକ୍ରେତାଙ୍କ ସହ ଯୋଡ଼ି ବାସ୍ତବରେ ନିରବଚ୍ଛିନ୍ନ ଅନୁଭୂତି ପ୍ରଦାନ କରିବାକୁ ଚେଷ୍ଟା କରୁଛି । ଏହାର ଯାଂଚ କରାଯାଇଥିବା ବିକ୍ରେତାଙ୍କ ମାଧ୍ୟମରେ, ଆପଣ ପ୍ରେସ୍କ୍ରିପସନ୍ ଔଷଧ, ଓଟିସି ଔଷଧ, ଡାକ୍ତରୀ ଉପକରଣ, ସପ୍ଲିମେଂଟ ଏବଂ ସ୍ୱାସ୍ଥ୍ୟ ଉତ୍ପାଦଗୁଡିକର ଏକ ବିଶାଳ ଚୟନ ଅନୁସନ୍ଧାନ କରିପାରିବେ। ଆମାଜନର ଦେଶବ୍ୟାପୀ ଲଜିଷ୍ଟିକ୍ ନେଟୱାର୍କ ବ୍ୟବହାର କରି ଗ୍ରାହକମାନେ ବର୍ତମାନ ବିଭିନ୍ନ ପ୍ରକାରର ଔଷଧ ପାଇପାରିବେ, ଯେଉଁଥିରେ ଶୀର୍ଷ ମେଟ୍ରୋ ଏବଂ ଟିୟର ୨ ସହର ସମେତ ୨୩ ଟି ସହରରେ ସମାନ ଦିନର ଡେଲିଭରି ଉପଲବ୍ଧ ହେବ ।

ଏହା ସମ୍ପର୍କରେ ଆମାଜନ ଇଣ୍ଡିଆର ଫାର୍ମାସି ନିର୍ଦ୍ଦେଶକ ହର୍ଷ ଗୋଏଲ କହିଛନ୍ତି, ଆମାଜନ ଫାର୍ମାସି ଜରିଆରେ ଆମର ବିକ୍ରେତାମାନେ ଦେଶବ୍ୟାପୀ ଲଜିଷ୍ଟିକ୍ ନେଟୱାର୍କର ଲାଭ ଉଠାଇ ଦେଶବ୍ୟାପୀ ଏପରିକି ଦୁର୍ଗମ ଅଂଚଳରେ ମଧ୍ୟ ହଜାର ହଜାର ପ୍ରେସକ୍ରିପସନ୍ ଔଷଧ, ଓଟିସି ଔଷଧ ଏବଂ ସ୍ୱାସ୍ଥ୍ୟସେବା ଅତ୍ୟାବଶ୍ୟକ ସାମଗ୍ରୀ ଗ୍ରାହକଙ୍କ ଘରେ ପହଂଚାଉଛନ୍ତି। ଆମାଜନରୁ ଜିନିଷ ଅର୍ଡର କରିବାରେ ଅଭ୍ୟସ୍ତ ଗ୍ରାହକଙ୍କ ପାଇଁ ଆମେ ଅନୁଭୂତିକୁ ନିରବଚ୍ଛିନ୍ନ ଏବଂ ସରଳ ରଖିଛୁ । ଆମାଜନ ଫାର୍ମାସି ଉଭୟ ଉପଭୋକ୍ତା-ଅନୁକୂଳ ଏବଂ ନିରାପତାର ସର୍ବୋଚ୍ଚ ମାନଦଣ୍ଡକୁ ବଜାୟ ରଖିଥାଏ । ସୁରକ୍ଷିତ ପ୍ୟାକେଜିଂଠାରୁ ଆରମ୍ଭ କରି ହାଇଜେନିକ୍ ଡେଲିଭରି ପର୍ଯ୍ୟନ୍ତ ସର୍ବୋତମ ପ୍ରକ୍ରିୟାକୁ ଏଥିରେ ନିୟୋଜିତ କରାଯାଇଛି। ସ୍ୱତନ୍ତ୍ର ସଂଚୟ, ଦ୍ରୁତ ଡେଲିଭରି ଏବଂ ଗ୍ରାହକଙ୍କ ସ୍ୱାସ୍ଥ୍ୟ ଉପରେ ନିରନ୍ତର ଧ୍ୟାନ ଦେବା ସହିତ ଆମାଜନ ଫାର୍ମାସି ବିଶ୍ୱସନୀୟ ଏବଂ ସୁବିଧାଜନକ ସ୍ୱାସ୍ଥ୍ୟସେବା ପାଇଁ ଗ୍ରାହକମାନଙ୍କର ପସନ୍ଦ ପାଲଟିଛି । ଯଦି ଗ୍ରାହକମାନେ ସେମାନଙ୍କର ପ୍ରେସକ୍ରିପସନ୍ ଚିହ୍ନଟ କରିପାରିବେ ନାହିଁ କିମ୍ବା ପ୍ରେସକ୍ରିପ୍ସନରେ ତ୍ରୁଟି ଥାଏ ତେବେ ସେମାନେ ତୃତୀୟ ପକ୍ଷ ଟେଲିମେଡିସିନ୍ ପାର୍ଟନରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ମାଗଣା ପରାମର୍ଶ ସେବା ବାଛିପାରିବେ। ଗ୍ରାହକଙ୍କ ସହମତିକ୍ରମେ, ଜଣେ ପଞ୍ଜୀକୃତ ଡାକ୍ତର ସେମାନଙ୍କ ଆବଶ୍ୟକତା ବୁଝିବା ପାଇଁ ସେମାନଙ୍କୁ ଫୋନ୍ କରିବେ ଏବଂ ପ୍ରେସ୍କ୍ରିପ୍ସନ୍ ଜାରି କରିବା ଉପଯୁକ୍ତ କି ନାହିଁ ମୂଲ୍ୟାୟନ କରିବେ। ଯଦି ଏହା ଦିଆଯାଏ, ତେବେ ଆମାଜନ ଫାର୍ମାସିରେ ଆପଣଙ୍କ ଅର୍ଡର ନିଶ୍ଚିତ କରିବାକୁ ଏହି ନୂତନ ପ୍ରେସକ୍ରିପସନ୍ ବ୍ୟବହାର କରାଯିବ। ଆମାଜନ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ କାର୍ଡ ବ୍ୟବହାର କରୁଥିବା ପ୍ରାଇମ ଗ୍ରାହକଙ୍କୁ ସେମାନଙ୍କ କ୍ରୟ ଉପରେ ୫% ସଂଚୟ ମିଳିଥାଏ । କାର୍ଟ ମୂଲ୍ୟ ଆଧାରରେ ଅତିରିକ୍ତ କ୍ୟାସବ୍ୟାକ୍ ଅଫର ଉପଲବ୍ଧ । ପ୍ରାଇମ ମେମ୍ବରଙ୍କୁ ୧୪୯ ଟଙ୍କା କିମ୍ବା ତା'ଠାରୁ ଅଧିକ ଅର୍ଡରରେ ମାଗଣା ଡେଲିଭରି ମିଳୁଥିବା ବେଳେ ଅଣପ୍ରାଇମ ମେମ୍ବରଙ୍କୁ ୨୯୯ ଟଙ୍କା କିମ୍ବା ତା'ଠାରୁ ଅଧିକ ଅର୍ଡରରେ ମାଗଣା ଡେଲିଭରି ମିଳୁଛି। ଏହି ମୂଲ୍ୟଠାରୁ କମ୍ ଅର୍ଡରରେ ଖୁବ୍ କମ୍ ୬୦ ଟଙ୍କା ମାତ୍ର ଡେଲିଭରି ଚାର୍ଜ ରହିଛି।

# ଚାରି ପିଢିଙ୍କ ସହିତ ମହାକୁମ୍ଭରେ ପହଞ୍ଚି ସଙ୍ଗମରେ ବୁଡ଼ ପକାଇଲେ ଅମ୍ବାନୀ ପରିବାର

ପ୍ରୟାଗରାଜ,୧୨।୨: ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ନିଜ ପରିବାରର ଚାରି ପିଢିଙ୍କ ସହ କୁମ୍ଭ ନଗରୀରେ ପହଞ୍ଚି ମହାକୁମ୍ଭରେ ସ୍ନାନ କରିଛନ୍ତି। ମା କୋକିଲା ବେନ୍, ଦୁଇ ପୁଅ ଆକାଶ ଓ ଅନନ୍ତ, ଦୁଇ ବୋହୂ ଶ୍ଲୋକା ଓ ରାଧିକାଙ୍କ ସହିତ ମୁକେଶ ଅମ୍ବାନୀଙ୍କ ନାତି ନାତୁଣୀ ପୃଥ୍ୱୀ ଓ ବେଦା, ଭଉଣୀ ଦୀପ୍ତି ସାଲଗାଓଁକର ଓ ନୀନା କୋଠାରୀ ମଧ୍ୟ ପ୍ରୟାଗରାଜରେ ପହଞ୍ଚି ମହାକୁମ୍ଭରେ ଏକାଠି ବୁଡ଼ ପକାଇଥିଲେ। ସଙ୍ଗମରେ ବୁଡ଼ ପକାଇବା ପରେ ଅମ୍ବାନୀ ପରିବାର ନିରଞ୍ଜନୀ ଆଖଡ଼ାର ପୀଠାଧୀଶ୍ୱର ଆଚାର୍ଯ୍ୟ ମହାମଣ୍ଡଳେଶ୍ୱର ସ୍ୱାମୀ କୈଳାଶାନନ୍ଦଗିରି ଜୀ ମହାରାଜଙ୍କ ଉପସ୍ଥିତିରେ ମା ଗଙ୍ଗାଙ୍କ ପୂଜା ପୂଜାର୍ଚ୍ଚନା କରିଥିଲେ। ତ୍ରିବେଣୀରେ ସ୍ନାନ କରିବା ପରେ ଅମ୍ବାନୀ ପରିବାର ମହାକୁମ୍ଭରେ ନିର୍ମିତ ପରମାର୍ଥ ନିକେତନ ଆଶ୍ରମରେ ପହଞ୍ଚି ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କୁ ଭେଟିବା ସହିତ ପରିବାର ପକ୍ଷରୁ ଆଶ୍ରମରେ ସଫେଇ କର୍ମୀ, ନୌକା ଚାଳକ ଏବଂ ତୀର୍ଥଯାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ପରିବାର ସଦସ୍ୟଗଣ ମଧ୍ୟ ତୀର୍ଥଯାତ୍ରୀଙ୍କୁ ଖାଦ୍ୟ ପରିବେଷଣ କରୁଥିବା ଦେଖିବାକୁ ମିଳିଥିଲା। ଅମ୍ବାନୀ ପରିବାର ପକ୍ଷରୁ ନୌକା ଚାଳକମାନଙ୍କୁ ସେମାନଙ୍କ ନିଜର ତଥା ତୀର୍ଥଯାତ୍ରୀଙ୍କ ସୁରକ୍ଷା ପାଇଁ ଲାଇଫ୍ ଜ୍ୟାକେଟ୍ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ ଯେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ପକ୍ଷରୁ ଏହାର ତୀର୍ଥଯାତ୍ରୀ ସେବା କାର୍ଯ୍ୟକ୍ରମ ଅଧୀନରେ ପରମାର୍ଥ ନିକେତନ ଆଶ୍ରମ, ଶାରଦା ପୀଠ ମଠ ଟ୍ରଷ୍ଟ ଦ୍ୱାରକା, ଶ୍ରୀ ଶଙ୍କରାଚାର୍ଯ୍ୟ ଉତ୍ସବ ସେବାଳୟ ଫାଉଣ୍ଡେସନ, ନିରଞ୍ଜନୀ ଆଖଡ଼ା ଏବଂ ପ୍ରଭୁ ପ୍ରେମୀ ସଂଘ ଚାରିଟେବୁଲ ଟ୍ରଷ୍ଟ ସମେତ ପ୍ରସିଦ୍ଧ ଆଧ୍ୟାତ୍ମିକ ସଂଗଠନଗୁଡିକ ସହିତ ମିଳିତ ଭାବରେ ମହାକୁମ୍ଭରେ ଅନ୍ନ ସେବା କରାଯାଉଛି। 'ତୀର୍ଥଯାତ୍ରୀ ସେବା' ମାଧ୍ୟମରେ ରିଲାଏନ୍ସ ଯାତ୍ରାକୁ ସୁରକ୍ଷିତ, ଆରାମଦାୟକ ଏବଂ ଆଧ୍ୟାତ୍ମିକ ଭାବରେ ସମୃଦ୍ଧ କରିବାକୁ ପ୍ରୟାସ କରୁଛି। ପୁଷ୍ଟିକର ଭୋଜନ, ଆବଶ୍ୟକ ସ୍ୱାସ୍ଥ୍ୟସେବା, ସୁରକ୍ଷିତ ପରିବହନ ଏବଂ ଯୋଗାଯୋଗ ସଂଯୋଗ ପରି ଅନେକ ସେବା ତୀର୍ଥଯାତ୍ରୀଙ୍କୁ ରିଲାଏନ୍ସ ପକ୍ଷରୁ ପ୍ରଦାନ କରାଯାଉଛି। ରିଲାଏନ୍ସ ଫାଉଣ୍ଡେସନ୍ ପକ୍ଷରୁ ସ୍ୱାସ୍ଥ୍ୟସେବାରେ ପୁରୁଷ ଏବଂ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ୱାର୍ଡ, ଓପିଡି ଏବଂ ଦନ୍ତଚିକିତ୍ସା ସେବା ଭଳି ସୁବିଧା ଦିନ ରାତି ଦିନ ରାତି ୨୪ ଘଣ୍ଟା ଉପଲବ୍ଧ କରାଯାଇଛି। ଏହା ବ୍ୟତୀତ ଯାତ୍ରାକୁ ସହଜ, ସୁଗମ ଏବଂ ନିରାପଦ କରିବା ପାଇଁ ଆହୁରି ଅନେକ ଉଦ୍ୟମ ମଧ୍ୟ କରାଯାଉଛି।



# ସମଗ୍ର ଦେଶରେ ପ୍ରଥମ
# ଦଶମ ଓ ଦ୍ୱାଦଶରେ କିସ୍‌ରୁ ରେକର୍ଡ଼ ସଂଖ୍ୟକ ପରୀକ୍ଷାର୍ଥୀ

ଭୁବନେଶ୍ୱର, ୧୨।୨ (ନି.ପ୍ର) : ଚଳିତ ବର୍ଷ ମାଧ୍ୟମିକ ଶିକ୍ଷା ବୋର୍ଡ଼ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ପରୀକ୍ଷାରେ କିସ୍‌ରୁ ରେକର୍ଡ଼ ସଂଖ୍ୟକ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। କିସ୍‌ର ୨୦୦୦ ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ପରୀକ୍ଷା ଦେଉଥିବା ବେଳେ ୧୯୦୦ ଛାତ୍ରଛାତ୍ରୀ +୨ ପରୀକ୍ଷା ଦେବେ। ଉଭୟ ଦଶମ ଓ +୨ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୬୦% ହେଉଛନ୍ତି ଛାତ୍ରୀ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପରୀକ୍ଷାର ଅବ୍ୟବହିତ ପୂର୍ବରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆଜି ଛାତ୍ରଛାତ୍ରୀମାନଙ୍କୁ ପରୀକ୍ଷା ସମ୍ପର୍କିତ ଆବଶ୍ୟକ ପରାମର୍ଶ ଦେବା ସହ ସେମାନଙ୍କୁ କଲମ ବଣ୍ଟନ କରିଥିଲେ। ଏହି ଅବସରରେ ସେ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ସଫଳତା କାମନା କରିଥିଲେ। ଦଶମ ଶ୍ରେଣୀ ପିଲାଙ୍କ ପାଇଁ ୟୁନିଟ୍-୮ ଓ ନିଳାଦ୍ରୀ ବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଆଇଆରସି ଭିଲେଜସ୍ଥିତ ସରକାରୀ ହାଇସ୍କୁଲ ଓ ଚନ୍ଦ୍ରଶେଖରପୁରସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରୀକ୍ଷା କେନ୍ଦ୍ର ହୋଇଛି। ସେହିପରି +୨ ପରୀକ୍ଷାର୍ଥିଙ୍କ ନିମନ୍ତେ ରାଜଧାନୀ କଲେଜ ଓ ମହର୍ଷି କଲେଜ ଅଫ୍ ନାଚୁରାଲ୍ ଲ ପରୀକ୍ଷା କେନ୍ଦ୍ର ହୋଇଛି। ଆସନ୍ତା ୨୧ ତାରିଖରୁ ଦଶମ ବୋର୍ଡ ପରୀକ୍ଷା ଆରମ୍ଭ ହେଉଥିବା ବେଳେ ୧୮ ତାରିଖରୁ +୨ ପରୀକ୍ଷା ଆରମ୍ଭ ହେଉଛି। ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବା ପାଇଁ କିସ୍ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ପିଲାମାନଙ୍କୁ ପରୀକ୍ଷା କେନ୍ଦ୍ରକୁ ନେବା ଆଣିବା ପାଇଁ ୫୦ଟି ଲେଖାଏଁ ବସର ବ୍ୟବସ୍ଥା କରାଯାଇଛି।




# ଉତ୍କଳ ମେଲ୍‌ର ବାର୍ଷିକ ଉତ୍ସବ ଅନୁଷ୍ଠିତ

ଭୁବନେଶ୍ୱର,୧୨।୨ (ନି.ପ୍ର) : ଉତ୍କଳ ମେଲର ରାଉରକେଲା ସଂସ୍କରଣର ୩୭ ତମ ଓ ପାରାଦୀପ ସଂସ୍କରଣ ର ୧୧ତମ ବାର୍ଷିକ ଉତ୍ସବ ଆଜି ସ୍ଥାନୀୟ ଜୟଦେବ ଭବନସ୍ଥ ଗୀତଗୋବିନ୍ଦ ସଦନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଜେପି କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ କ୍ଷଉତ୍କଳ ମେଲର ମୁଖ୍ୟ ସମ୍ପାଦକ ଡ଼. ପୀତବାସ ମିଶ୍ର ଏଥିରେ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସମ୍ମାନୀୟ ଅତିଥି ଭାବେଏମ.ବି.ସି ଟିଭି ର ମୁଖ୍ୟ ତଥା ଶିକ୍ଷାବିତ ଡ଼ ବଦ୍ରୀନାଥ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ଅଶୋକ ପଣ୍ଡା, ଉତ୍କଳ ସାମ୍ବାଦିକ ସଙ୍ଘର ସଭାପତି ବିଭୁତି କର, ଜେଡିସିଏର ସମ୍ପାଦକ ସନତ ମିଶ୍ର, ବରିଷ୍ଠ ସାମ୍ବାଦିକ ଭାଗବତ ତ୍ରିପାଠୀ, ସତସଙ୍ଗ ର ସମ୍ପାଦକ ଅଭୟ କୁମାର ପରିଡ଼ା ପ୍ରମୁଖ ମଂଚସୀନ ରହିବା ସହ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା ସମ୍ପାଦକ ବିବେକାନନ୍ଦ ଦାସ ସଂଯୋଜନା କରିଥିଲେ କ୍ଷ ବିକଶିତ ଭାରତ - ୨୦୪୭ ପରିପ୍ରେକ୍ଷୀରେ ଗଣ ମାଧ୍ୟମ ର ଭୂମିକା ଶୀର୍ଷକ ଉପରେ ଅତିଥି ମାନେ ଆଲୋଚନା କରିଥିଲେ । ଏହି ଅବସରରେ ସ୍ନାୟୁ ରୋଗ ବିଶେଷଜ୍ଞ ଡାକ୍ତର ପ୍ରତାପ କୁମାର ପାଣି, ବିଶ୍ୱବାଣୀ ର ସମ୍ପାଦକ ଅର୍ଜୁନ ମୁଦୁଲି, ବିଷ୍ଣୁ ପ୍ରସାଦ କେଡ଼ିଆଙ୍କ ସମେତ ଅନ୍ୟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ରାଜ୍ୟ ର ବିଭିନ୍ନ ଜିଲ୍ଲାରୁ ଶତାଧିକ ପ୍ରତିନିଧି ଯୋଗ ଦେଇଥିଲେ କ୍ଷଅତିଥି ମାନେ ନିଜ ନିଜ ବକ୍ତବ୍ୟ ରେ ଉତ୍କଳ ମେଲର ଉତ୍ତରୋତ୍ତର ଉନ୍ନତି କାମନା ସହ ଗଣ ମାଧ୍ୟମର ଭୂମିକା ସମ୍ପର୍କ ରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା ରେ ଅଖୟ ଧଳ, ବିରଞ୍ଚି ମିଶ୍ର, ରବି ମହାନ୍ତି, ମୀନ କେତନ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ ।



# ବନ୍ଦର କର୍ତ୍ତୃପକ୍ଷଙ୍କୁ ଦାବୀପତ୍ର ପ୍ରଦାନ

ପାରାଦୀପ,୧୨।୨ (ନି.ପ୍ର) : ପାରାଦୀପ ବନ୍ଦରରେ କାର୍ଯ୍ୟକ୍ଷମ ୧୩ ଗୋଟି ଶ୍ରମିକ ସଂଘର ମିଳିତ ଉଦ୍ୟମରେ ଗଠିତ ଟ୍ରେଡ୍ ୟୁନିୟନ ସମନ୍ୱୟ କମିଟି ପକ୍ଷରୁ ପାରାଦୀପ ବନ୍ଦରରେ ଦୀର୍ଘ ୨୦ରୁ ୨୫ ବର୍ଷ ଧରି କାର୍ଯ୍ୟକରୁଥିବା ହଜାରେରୁ ଊର୍ଦ୍ଧ୍ୱଡିଏଲଆର୍‌ମାନଙ୍କ ମୌଳିକ ସମସ୍ୟାର ସମାଧାନ ନିମନ୍ତେ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ଟ୍ରେଡ୍ ୟୁନିୟନ ସମନ୍ୱୟ କମିଟି ପକ୍ଷରୁ ୫ଦଫା ଦାବୀପତ୍ରରେ ଡିଏଲଆର୍‌ମାନଙ୍କ ସମାନ କାମକୁ ସମାନ ଦରମା, ଡିଏଲଆର୍ ଓ ଠିକା ଶ୍ରମିକମାନଙ୍କୁ ଚିକିତ୍ସା ସୁବିଧା ପ୍ରଦାନ କରିବା, ସ୍ଥାୟୀ କର୍ମଚାରୀମାନଙ୍କ ପରି ଘରଭଡା, ବିଦ୍ୟୁତ ସେବାରେ ରିହାତି ପ୍ରଦାନ କରିବା, ଡିଏଲଆର୍ ଓ ଠିକା ଶ୍ରମିକ ଅବସର ପରେ ସେହି ସ୍ଥାନରେ ୩ବର୍ଷ ପୁନଃ ନିଯୁକ୍ତିର ବନ୍ଦୋବସ୍ତ କରିବା ନିମନ୍ତେ ଏହି ଦାବୀପତ୍ରରେ ଉଲ୍ଲେଖ କରାଯାଇଛି ।

# ଏମଜିଏମ ଟି୨୦ ଚାମ୍ପିଅନସିପ୍ ୨୦୨୫ର ରଙ୍ଗାରଙ୍ଗ ଉଦଯାପନ ସମାରୋହ
# ଉଦୀୟମାନ କ୍ରିକେଟ୍ ପ୍ରତିଭା ପ୍ରଦର୍ଶନର ବଡ ସୁଯୋଗ

କଟକ, ୧୨।୨: ଏମଜିଏମ ଟି୨୦ ଚାମ୍ପିଅନସିପ୍ ୨୦୨୫ ଚାରି ଦିନ ରୋମାଞ୍ଚକର କ୍ରିକେଟ୍ ମ୍ୟାଚ୍ ପରେ (୮ ଫେବୃଆରୀରୁ ୧୧ ଫେବୃଆରୀ) ଏମଜିଏମ ସ୍କୁଲ୍ ଅଫ୍ ସ୍ପୋର୍ଟସ୍, କପୁରସିଂହ, କଟକରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ସମାପନ ହୋଇଛି । ଶ୍ରୀ ରବି ଶାସ୍ତ୍ରୀ, ଶ୍ରୀ ଭାରତ ଅରୁଣ ଏବଂ ଶ୍ରୀ ଆର ଶ୍ରୀଧରଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରିମିୟର୍ କ୍ରିକେଟ୍ ପ୍ରତିଷ୍ଠାନ କୋଚିଂ ବିଏଣ୍ଡର ସହଯୋଗରେ ଆୟୋଜିତ ଏହି ଟୁର୍ନାମେଣ୍ଟ ସଫଳତାର ସହ କ୍ରିକେଟ୍ ପ୍ରତିଭା ପାଇଁ ଏକ ପ୍ଲାଟଫର୍ମ ଯୋଗାଇଲା ଏବଂ କ୍ରୀଡ଼ାର ବିକାଶ ପାଇଁ ଓଡିଶାର ପ୍ରତିବଦ୍ଧତାକୁ ଦୃଢ କରିଛି ।

ଏହି ଚାମ୍ପିୟନଶିପ୍‌ରେ ଚେନ୍ନାଇ, ହାଇଦ୍ରାବାଦ ଏବଂ ଭଦୋଦରାସ୍ଥିତ କୋଚିଂ ବିଏଣ୍ଡ କ୍ରିକେଟ୍ ଏକ୍ସଲେନ୍ସ ସେଣ୍ଟରର ଏମଜିଏମ୍ ସ୍କୁଲ୍ ଅଫ୍ ସ୍ପୋର୍ଟସ୍ ଦଳ ଅଂଶଗ୍ରହଣ କରିଥିଲେୟ ଏହି ଟୁର୍ନାମେଣ୍ଟରେ ଉଚ୍ଚମାନର କ୍ରିକେଟ୍ ପ୍ରଦର୍ଶନ କରାଯାଇଥିଲା, ଯେଉଁଥିରେ ଖେଳାଳିମାନେ ଦକ୍ଷତା, ନିଷ୍ଠା ଏବଂ କ୍ରୀଡ଼ାବି ପ୍ରଦର୍ଶନ କରିଥିଲେ । ଟୁର୍ନାମେଣ୍ଟକୁ ଶ୍ରୀ ରବି ଶାସ୍ତ୍ରୀ ଏବଂ ଶ୍ରୀ ଭାରତ ଅରୁଣ ଉଦଘାଟନ କରିଥିଲେ ଏବଂ ଅଂଶଗ୍ରହଣକାରୀ ଦଳ ମଧ୍ୟରେ ପ୍ରତିଯୋଗିତାମୂଳକ ମ୍ୟାଚ୍ ଦେଖିଥିଲେ ।

ଏହି ସମାରୋହରେ ଶ୍ରୀ ପଙ୍କଜ ଲୋଚନ ମହାନ୍ତି, ସିଏମଡି, ଏମଜିଏମ ଗ୍ରୁପ, ଶ୍ରୀ ଭେଙ୍କଟାପତି ରାଜୁ, ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର; ଶ୍ରୀ ବିକାସ ପ୍ରଧାନ, କୋଷାଧ୍ୟକ୍ଷ, ଓସିଏ; ଓସିଏ ମୁଖ୍ୟ କ୍ୟୁରେଟର ଡ. ଅଞ୍ଜନ କୁମାର ଖୁଣ୍ଟିଆ; ଏବଂ ଏମଜିଏମ ଗ୍ରୁପ୍ ର ପରାମର୍ଶଦାତା ଶ୍ରୀ ପ୍ରସାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

ଉଦଯାପନୀ ସମାରୋହରେ ଶ୍ରୀ ଭେଙ୍କଟାପତି ରାଜୁ ପୁରସ୍କାର ପ୍ରଦାନ କରିଥିଲେ ଏବଂ ଏହି ପଦକ୍ଷେପକୁ ପ୍ରଶଂସା କରି କହିଥିଲେ ଯେ ଏମଜିଏମ ଟି୨୦ ଚାମ୍ପିଅନସିପ୍ ୨୦୨୫ ପ୍ରତିଭା ଚିହ୍ନଟ ଏବଂ ଖେଳାଳି ବିକାଶରେ ଏକ ମାନଦଣ୍ଡ ସ୍ଥିର କରିଛି । ସମଗ୍ର ଭାରତରେ କ୍ରିକେଟ୍ ପ୍ରତି ଆଗ୍ରହ ବଢିବା ସହିତ ନୂତନ ପ୍ରତିଭା ଚିହ୍ନଟ ତଥା ପୋଷଣ କରିବାରେ ଏହି ଭଳି ଆୟୋଜନ ଗୁରୁତ୍ୱପୂର୍ଣ୍ଣ ଅଟେ । ଏକ ରୋମାଞ୍ଚକର ଫାଇନାଲରେ ହାଇଦ୍ରାବାଦର କୋଚିଂକୁ ପରାସ୍ତ କରି ଏମଜିଏମ ସ୍କୁଲ ଅଫ୍ ସ୍ପୋର୍ଟସ-କୋଚିଂ ବିଏଣ୍ଡ ଚାମ୍ପିଅନ୍ ଭାବରେ ଉଭା ହେଲା ୟ ସେମାନେ ୨୦ ଓଭରରେ ୧୭୩ ରନ୍ ସ୍କୋର କରି ପ୍ରତିଦ୍ୱନ୍ଦ୍ୱୀଙ୍କୁ ସମ୍ପୂର୍ଣ୍ଣ ଆଉଟ୍ କରି ଏକ ନିର୍ଣ୍ଣାୟକ ବିଜୟ ହାସଲ କରିଥିଲେୟ ଦଳ ମଧ୍ୟ ଚାରିଟି ମ୍ୟାଚ ମଧ୍ୟରୁ ତିନୋଟି ଜିତି ଟୁର୍ଣ୍ଣାମେଣ୍ଟରେ ଅତ୍ୟନ୍ତ ଭଲ ପ୍ରଦର୍ଶନ କରିଥିଲା । ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ଜୟରାମ ଗେଡିଆ (ଏମଜିଏମ ସ୍କୁଲ୍ ଅଫ୍ ସ୍ପୋର୍ଟସ୍, କଟକ) କୁ ପ୍ରଦାନ କରାଯାଇଥିବାବେଳେ ରବି ତେଜା (ହାଇଦ୍ରାବାଦର କୋଚିଂ) ତାଙ୍କର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ଭାବରେ ପୁରସ୍କୃତ ହୋଇଥିଲେୟ



ଏହି ଟୁର୍ନାମେଣ୍ଟର ସଫଳତା ବିଷୟରେ ଶ୍ରୀ ପଙ୍କଜ ଲୋଚନ ମହାନ୍ତି କହିଛନ୍ତି ଯେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରି ଗର୍ବ ଅନୁଭବ କରୁଛୁ ୟ ଏମଜିଏମ ଟି୨୦ ଚାମ୍ପିଅନସିପ୍ ୨୦୨୫ କେବଳ ଏକ ଟୁର୍ନାମେଣ୍ଟ ନୁହେଁ; ଏହା ପ୍ରତିଭା, ଉତ୍ସାହ ଏବଂ ଦୃଢ ଉତ୍ସବ ଥିଲା । ଯୁବ କ୍ରିକେଟରଙ୍କ ପାଇଁ ଏକ ମଜବୁତ ଭିତ୍ତିଭୂମି ପ୍ରଦାନ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ ଏବଂ ବୃତ୍ତିଗତ କ୍ରିକେଟ୍ ପ୍ରତି ସେମାନଙ୍କର ଯାତ୍ରାକୁ ସମର୍ଥନ କରିବୁ । ଏହି ଟୁର୍ନାମେଣ୍ଟ ସ୍କାଉଟ୍, କୋଚ୍ ଏବଂ ସମ୍ଭାବ୍ୟ ପ୍ରାୟୋଜକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା, ଅଂଶଗ୍ରହଣକାରୀମାନେ ସେମାନଙ୍କ କ୍ରିକେଟ୍ କ୍ୟାରିୟରରେ ଆଗକୁ ବଢିବା ପାଇଁ ବାଟ ଦେଖାଇଛି । ଏହି ବୃତ୍ତିଗତ ଭାବରେ ପରିଚାଳିତ ଚାମ୍ପିଅନସିପ୍ ମାଧ୍ୟମରେ, ଏମଜିଏମ ସ୍କୁଲ୍ ଅଫ୍ ସ୍ପୋର୍ଟସ୍ ଓଡିଶା ତଥା ବାହାରେ କ୍ରିକେଟ୍ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧତାକୁ ପୁନଃ ପ୍ରମାଣିତ କରି ଯୁବ ଆଥଲେଟମାନଙ୍କୁ ଉତ୍ସର୍ଗୀକୃତ ଏବଂ ଉତ୍କର୍ଷ ସହିତ କ୍ରୀଡା ଅନୁସରଣ କରିବାକୁ ପ୍ରେରଣା ଯୋଗାଇଥାଏ ୟ ଆଗାମୀ ବର୍ଷରେ ଆହୁରି ଅଧିକ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ସହିତ, ଓଡିଶାର କଟକ, ଏମଜିଏମ ସ୍କୁଲ ଅଫ୍ ସ୍ପୋର୍ଟସ ଷ୍ଟାଡିୟମରେ ଆୟୋଜିତ ଏମଜିଏମ ଟି୨୦ ଚାମ୍ପିଅନସିପ୍ ସଫଳତାର ସହ ଭବିଷ୍ୟତର କ୍ରିକେଟ୍ ତାରକାଙ୍କ ପାଇଁ ମୂଳଦୁଆ ପକାଇଛି ।

# ପାରାଦୀପ ଇଫକୋ ୟୁନିଟ ପକ୍ଷରୁ ଅପାତକାଳୀନ ସଚେତନତା କାର୍ଯ୍ୟକ୍ରମ

ପାରାଦୀପ,୧୨।୨ (ନି.ପ୍ର) : ଇଫକୋ ପାରାଦୀପ ୟୁନିଟ ତାର କର୍ମଚାରୀ, ଶ୍ରମିକ, କମ୍ପାନୀରେ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ସମେତ ପାରିପାର୍ଶ୍ୱିକ ଗ୍ରାମ ଓ ଜନସାଧାରଣଙ୍କୁ ଆପତକାଳୀନ ବିପର୍ଯ୍ୟୟ ଓ ଆମୋନିଆ ଗ୍ୟାସ ଲିକେଜ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ କରିଆସୁଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଏବଂ ଜିଲ୍ଲା ଆପତକାଳୀନ ନିଷ୍ପତି କ୍ରମେ ଇଫକୋ ପକ୍ଷରୁ ଏକ ଆମୋନିଆ ଗ୍ୟାସ ଲିକେଜ, ଗୃହ ସୁରକ୍ଷା, ଅଗ୍ନିକାଣ୍ଡ ଓ ସଡ଼କ ସୁରକ୍ଷା ସତର୍କତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଭୁତମୁଣ୍ଡାଇ ସ୍ଥିତ ଭୂତେଶ୍ୱର ମନ୍ଦିର ପରିସରରେ ସୋମବାର ଦିନ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ସରପଞ୍ଚ, କୃଷକ ସାଥୀ, ଗ୍ରାମବାସୀ, ଏସଏଚଜି ସଦସ୍ୟ, ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡି ସଦସ୍ୟଙ୍କ ସମେତ ପ୍ରାୟ ୩ ଶହରୁ ଉର୍ଦ୍ଧ ଅଂଶଗ୍ରହଣକାରୀ ଉତ୍ସାହ ର ସହ ଭାଗ ନେଇଥିଲେ । ଏଥିରେ ସମସ୍ତଙ୍କୁ ଆମୋନିଆ ନିର୍ଗତ ସମୟରେ ପ୍ରତିଷେଧକ ମୂଳକ ବ୍ୟବସ୍ଥା ସମ୍ପର୍କିତ ସଚେତନତା ଲିଫଲେଟ ବା ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା । ଏହି ଅବସରରେ ଇଫକୋ କୋର୍ଡେଟ ର ଅଧ୍ୟକ୍ଷ କୁଳମଣି ମାଝୀ,ଇଫକୋ ଏଫ ଆଣ୍ଡ ଏସ ର ଉପ ପ୍ରବନ୍ଧକ ଏମ.ଆର.ନାୟକ,ପି.ସି.ବିଶ୍ୱାଳ ଏବଂ ଏ.କେ.ଜେନା ଗ୍ୟାସ ଲିକେଜ ଏବଂ ଅନ୍ୟ ଜରୁରୀ କାଳୀନ ପରିସ୍ଥିତିରେ କିପରି ସତର୍କତା ଅବଲମ୍ବନ କରାଯିବ ସେ ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ ।





# ଏକଦିବସୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ



ବୁଗୁଡ଼ା,୧୨।୨ (ନି.ପ୍ର) : ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ ପ୍ରାଙ୍ଗଣରେ ସ୍ୱର୍ଗତ ଉମାଚରଣ ଦାଶ ସ୍ମୃତି କମିଟି ପକ୍ଷରୁ ଏକଦିବସୀୟ ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି ଯ ଉକ୍ତ ଟୁର୍ଣ୍ଣାମେଣ୍ଟକୁ ପ୍ରାକ୍ତନ କାଉନସିଲର ସତ୍ୟଭାମା ଦାଶ ଉଦଘାଟନ କରିଥିଲା ବେଳେ ଏଥିରେ ଅତିଥି ଭାବେ ପୂର୍ବତନ ବିଧାୟକ ସିମାଞ୍ଚଳ ବେହେରା ଯୋଗ ଦେଇ ଅଂଶ ଗ୍ରହଣକାରୀ ଚାରୋଟି ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ଏବଂ ଫାଇନାଲରେ ଗୁମା ଦଳ ୩-୦ ସେଟରେ ଦାରିଙ୍ଗବାଡ଼ି ଦଳକୁ ହରାଇ ବିଜୟୀ ଟ୍ରଫି ହାସଲ କରିଥିଲାଯ ଅଧିବକ୍ତା ହର ପ୍ରସାଦ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଶିକ୍ଷାବିତ୍ ବ୍ରଜ କିଶୋର ପାଢ଼ୀ, ଅଧ୍ୟାପକ ବିଭୁତି ଭୂଷଣ ମିଶ୍ର ଯୋଗ ଦେଇ ବିଜେତା ଗୁମା ଦଳକୁ ୱିନର ଟ୍ରଫି ଏବଂ ଉପବିଜେତା ଦାରିଙ୍ଗିବାଡି ଦଳକୁ ରନର୍ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେଯ ଉକ୍ତ କାର୍ଯ୍ୟକ୍ରମରେ ଅଧିବକ୍ତା ମାନସ ରଞ୍ଜନ ଦାଶ ସଂଯୋଜକ ଦାୟିତ୍ୱ ନିର୍ବାହ କରିଥିଲା ବେଳେ ଟୁର୍ଣ୍ଣାମେଣ୍ଟ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲାଯ

# ସେଫର ଇଣ୍ଟରନେଟ୍ ଡେ ଉପଲକ୍ଷେ ସାଇବର ସୁରକ୍ଷା ସଜାଗତା କାର୍ଯ୍ୟକ୍ରମ



ରାୟଗଡ଼ା,୧୨।୨ (ନି.ପ୍ର) : ଏକ ଉତ୍ତମ ଇଣ୍ଟରନେଟ୍ ପାଇଁ ଏକସାଥି ଚେଷ୍ଟା ଥିମ୍ ସହ ସେଫର ଇଣ୍ଟରନେଟ ଡେ ଉପଲକ୍ଷେ ରାୟଗଡ଼ା ଜିଲ୍ଲାରେ ସାଇବର ସୁରକ୍ଷା ଓ ଦାୟିତ୍ୱପୂର୍ଣ୍ଣ ଇଣ୍ଟରନେଟ ବ୍ୟବହାର ସମ୍ବନ୍ଧୀୟ ସଜାଗତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମଗୁଡ଼ିକୁ ଗୁଣଶେଖର ନେଥେତି, ଯୁଗ୍ମ ନିର୍ଦ୍ଦେଶକ (ଓଞ୍ଜ) ଏବଂ DIO, NIC, ରାୟଗଡ଼, ନବୀନ, ଇଉଓଙ୍ଗ, ଘଓଉ, ରାୟଗଡ଼ ଏବଂ ନରେନ୍ଦ୍ର ସାସମଲ, ଜିଲ୍ଲା ସଂଯୋଜକ, ଉଗଏଓ, ରାୟଗଡ଼ା ନେତୃତ୍ୱ ଦେଇଥିଲେ ।

ପ୍ରଭାତ କାର୍ଯ୍ୟକ୍ରମ ଅନ୍ତର୍ଗତ, ରାୟଗଡ଼ ଅଟୋନୋମସ୍ କଲେଜ୍ ର ଅଧ୍ୟାପକ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ଶ୍ରୀମତୀ ବବିତା ସରାଫ, ପ୍ରିନସିପାଲ, ରାୟଗଡ଼ ଅଟୋନୋମସ୍ କଲେଜ୍ ଙ୍କ ଉପସ୍ଥିତିରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ସେଠି ଇଣ୍ଟର୍ନେଟ୍ ର ଲାଭ ଏବଂ ଅସୁବିଧା, ସାଇବର ଥ୍ରେଟ୍ସ ଏବଂ ବିପଦ, ସାଧାରଣ ଅନଲାଇନ୍ ଠକେଇ, ଆର୍ଥିକ ଧୋକା, ମୋବାଇଲ୍ ଆପ୍ଲିକେସନ୍ ସୁରକ୍ଷା, ଏବଂ ସୁରକ୍ଷିତ ଇଣ୍ଟର୍ନେଟ୍ ବ୍ୟବହାର ପାଇଁ ଉପାୟ ବିଷୟରେ ଆଲୋଚନା ହୋଇଥିଲା ।

ସନ୍ଧ୍ୟା ସମୟରେ, ଶ୍ରୀ ନବୀନ ଚନ୍ଦ୍ର ନାଏକ, ଡଇଝ (SAG), ଅତିରିକ୍ତ ଜିଲ୍ଲାପାଳ, ରାୟଗଡ଼ ଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ବିଭିନ୍ନ ବିଭାଗର କର୍ମଚାରୀଙ୍କ ପାଇଁ ଏକ ସମ୍ମିଳନୀ ଆୟୋଜିତ ହୋଇଥିଲା, ଯେଉଁଠି ସରକାରୀ କାର୍ଯ୍ୟକ୍ଷେତ୍ରରେ ସାଇବର ହାଇଜିନ୍ ଏବଂ ସୁରକ୍ଷିତ ଅନଲାଇନ୍ ପ୍ରକ୍ରିୟା ବିଷୟରେ ଚର୍ଚ୍ଚା କରାଗଲା ।

ପ୍ରାୟ ୧୭୦ ଅଂଶଗ୍ରାହୀ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କଲେଯ ଗୁଣଶେଖର ନେଥେତି ଏହି ସଭାରେ ସାଇବର ହାଇଜିନ୍‌ର ଗୁରୁତ୍ୱ ବ୍ୟାଖ୍ୟା କରି ନିଜକୁ ସୁରକ୍ଷିତ ରଖିବା ସହ ମିତ୍ର, ପରିବାର, ଏବଂ ସମାଜକୁ ମଧ୍ୟ ନିରାପଦ ଇଣ୍ଟରନେଟ ବ୍ୟବହାର ଉପରେ ସଚେତନ କରିବାକୁ ପରାମର୍ଶ ଦେଲେ ।

ଏହି ପ୍ରୟାସଗୁଡ଼ିକ ସାଇବର ସୁରକ୍ଷା ଉପରେ ସଚେତନତା ବୃଦ୍ଧି କରି ଏକ ନିରାପଦ ଏବଂ ଦାୟିତ୍ୱପୂର୍ଣ୍ଣ ଡିଜିଟାଲ୍ ପରିବେଶ ଗଠନରେ ଅଗ୍ରସର ହେବାକୁ ଉଦ୍ଦିପିତ କରେ ।

# କଳମ୍ବ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକୋତ୍ସବ



ବୁଗୁଡ଼ା,୧୨।୨ (ନି.ପ୍ର) : ବୁଗୁଡା ବ୍ଲକର କଳମ୍ବ ପଞ୍ଚାୟତ ଅନ୍ତର୍ଗତ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକୋତ୍ସବ ସ୍ୱପରିସରରେ ଅନୁଷ୍ଠିତ ହୋଇଯାଇଛିଯ ସମ୍ପାଦକ ଦିଲ୍ଲୀପ କୁମାର ରଥଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଲିପଦର ଏଚ୍.ଏସ୍.ଏସର ପ୍ରାକ୍ତନ ଅଧ୍ୟକ୍ଷ ବି.ପ୍ରକାଶ ଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ଭାବେ ବାଲିପଦର କ୍ଲଷ୍ଟର ସିଆରସିସି ବିଶ୍ୱଜିତ୍ ପରିଡ଼ା , ଖରିଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁ , ନାରାୟଣ ସାମନ୍ତରା, ବିଦେଶୀ କୁମାର ରାଉତ, ରିଙ୍କି ଦାସ, ଜଳେଶ୍ୱର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଖାଡଙ୍ଗା ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେଯ ଏ ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା କରାଯାଇଥିଲାଯ ଏଥି ସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଯ

# ରାଜ୍ୟର ପ୍ରଥମ ଆବର୍ଜନାରୁ ଉର୍ଜା ପ୍ରକଳ୍ପର ଶିଳାନ୍ୟାସ




ପାରାଦୀପ,୧୨।୨ (ନି.ପ୍ର) : ଟେକ୍ନିମଣ୍ଟ ର ଭାରତୀୟ ସହଯୋଗୀ କମ୍ପାନୀ ଟେକ୍ନିମଣ୍ଟ ପ୍ରାଇଭେଟ ଲିମିଟେଡ଼ (ଟିସିଏମପିଏଲ), ପାରାଦୀପ ପୌରପାଳିକା ଏବଂ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଟେକନୋଲୋଜି କର୍ଣ୍ଣାଟକ, ସୁରଥକାଲ (ଏନଆଇଟିକେ) ପକ୍ଷରୁ ଓଡିଶା ର ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ପାରାଦୀପ ପୌରାଞ୍ଚଳରେ ଏକ ଟନ କ୍ଷମତା ବିଶିଷ୍ଟ ବାୟୋଗ୍ୟାସ ପ୍ଲାଣ୍ଟ ସ୍ଥାପନ ନିମନ୍ତେ ଭୂମିପୂଜା ଓ ଶିଳାନ୍ୟାସ ଉତ୍ସବ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଓଡିଶା ସରକାର ଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ରାଷ୍ଟ୍ରମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପାରାଦୀପ ପୌରପାଳିକା ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ,ଟେକ୍ନିମଣ୍ଟ ମେୟାର ଗ୍ରୁପ ର ସିଇଓ ଆଲେସାଣ୍ଡ୍ରୋ ବରନିନି ଙ୍କ ସମେତ ଅନ୍ୟାନ୍ୟ ସରକାରୀ ପଦାଧିକାରୀ ଓ କମ୍ପାନୀ ପ୍ରତିନିଧି ମାନଙ୍କ ଉପସ୍ଥିତି ରେ ପ୍ରକଳ୍ପ ନିମନ୍ତେ ଭୂମିପୂଜା ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା କ୍ଷ ଏହି ବାୟୋଗ୍ୟାସ ପ୍ଲାଟିସିଏମପିଏଲ କର୍ପୋରେଟ ସାମାଜିକ ଦାୟିତ୍ୱ ବୋଧ (ସିଏସଆର) ପ୍ରୟାସ ସମୂହର ଏକ ଅଂଶବିଶେଷ ଏବଂ ଏହା ପାରାଦୀପ ପୌରପାଳିକା, ଜିଲ୍ଲା ପ୍ରଶାସନ ଏବଂ ଏନଆଇଟିକେ ସହଯୋଗରେ ତ୍ରିପାକ୍ଷିକ ରାଜିନାମା ଅଧୀନରେ କାର୍ଯ୍ୟକାରୀ କରାଯାଉଛି। ଏହି ପ୍ରକଳ୍ପ ଖାଦ୍ୟ ଓ ପନିପରିବା ବର୍ଜ୍ୟ କୁ କଞ୍ଚାମାଲ ଭାବେ ବ୍ୟବହାର କରି ରନ୍ଧନ ଗ୍ୟାସ ଭାବରେ ବ୍ୟବହାର ହେବାକୁ ଥିବା ବାୟୋଗ୍ୟାସ ଉତ୍ପାଦନ କରିବା ନିମନ୍ତେ ଏକ କ୍ଷୁଦ୍ର ସୁବିଧା ସ୍ଥାପନ ନିମନ୍ତେ ଲକ୍ଷ୍ୟ ରଖାଯାଇଛି, ଯାହାଦ୍ୱାରା ବର୍ଜ୍ୟ ରୁ ସମ୍ବଳ ସୃଷ୍ଟି ମଧ୍ୟରେ ରହୁଥିବା ଖାଲି ସ୍ଥାନକୁ ସଫଳତାର ସହିତ ପୂରଣ କରିବ । ଏହି ପ୍ଲାଣ୍ଟ ସ୍ଥାନୀୟ ଜନସମୁଦାୟ ଙ୍କୁ ସେବା ଯୋଗାଇବା ନିମନ୍ତେ ଆଗାମୀ ୧୨ ମାସ ମଧ୍ୟରେ କାର୍ଯ୍ୟକ୍ଷମ ହେବା ନେଇ ଆଶା କରାଯାଉଛି କ୍ଷ ଏହି ଅବସରରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ଏହି ପ୍ରସ୍ତାବିତ ବାୟୋଗ୍ୟାସ ପ୍ଲାଣ୍ଟ ପୌରାଞ୍ଚଳ ରୁ ନିର୍ଗତ ହେଉଥିବା ବର୍ଜ୍ୟ ଖାଦ୍ୟ ମାନଙ୍କର ପୁନଃଚକ୍ରଣ କରିବାର ଲକ୍ଷ୍ୟ ରଖାଯିବା ସହିତ ଏହା ଭୂମି କୁ ପୋତିବା ବୋଝ ହ୍ରାସ କରିବା ପୌରାଞ୍ଚଳ ରୁ ପୃଥକୀକରଣ ଜରିଆରେ ବର୍ଜ୍ୟବସ୍ତୁ କୁ ସଂଗ୍ରହ କରାଯାଇ ଏକ ଟନ କ୍ଷମତା ବିଶିଷ୍ଟ ବାୟୋଗ୍ୟାସ ପ୍ଲାଣ୍ଟରେ ଉପଯୋଗ କରାଯାଇ ସେଥିରୁ ଚୂଡାନ୍ତ ଉତ୍ପାଦ ଆକାରରେ କମ୍ପ୍ରେସଡ୍ ବାୟୋଗ୍ୟାସ ପ୍ରସ୍ତୁତ କରାଯାଇ ଇନ୍ଧନ ଭାବରେ ବ୍ୟବହାର କରାଯିବ ଏବଂ ଏହା ଗୋଷ୍ଠୀ ପାକଶାଳା କୁ ଯୋଗାଇଦିଆଯିବ । ଏହାଦ୍ୱାରା ଏକ ଦୀର୍ଘସ୍ଥାୟୀ ଶକ୍ତି ପରିବ୍ୟବସ୍ଥାକୁ ପ୍ରୋତ୍ସାହିତ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ଉଲ୍ଲେଖ କରିଥିଲେ ।

ସେହିପରି ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଏହି ପ୍ରକଳ୍ପ ପାରାଦୀପ ପୌରପାଳିକା ଅଧିକାରୀ ଓ କର୍ମଚାରୀ ମାନଙ୍କର ନିରନ୍ତର ପ୍ରୟାସ ର ନିଦର୍ଶନ ହୋଇଛି ଏବଂ ଏହି ପ୍ରକଳ୍ପ ଏକ ଆବର୍ତ୍ତୀ ଅର୍ଥନୀତି ପାଇଁ ଉଦାହରଣ ସୃଷ୍ଟି କରିବା ସହିତ ପାରାଦୀପ ର ସବୁଜ ଶକ୍ତି ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିବ ବୋଲି କହିଥିଲେ କ୍ଷ ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀ ର ସର୍ବଭାରତୀୟ ଉପ ସଭାପତି ମିଲିନ୍ଦ ବାରିଡେ କହିଥିଲେ ଯେ ଏହି ସୁବିଧା ଆବର୍ତ୍ତୀ, ସାମାଜିକ ଦାୟିତ୍ୱ ନିର୍ବାହ ଏବଂ ଏହା ସେବା ଯୋଗାଉଥିବା ଜନସମୁଦାୟ ର ଅର୍ଥନୈତିକ ଦୀର୍ଘ ସ୍ଥାୟିତା ପ୍ରତି ମେୟାର ଗ୍ରୁପ ର ପ୍ରତିବଦ୍ଧତା କୁ ପ୍ରତିଫଳିତ କରୁଛି । ପ୍ରକଳ୍ପ ସମ୍ପର୍କରେ ଏନଆଇଟିକେ ନିର୍ଦ୍ଦେଶକ ବି.ରବି ମେୟାର ଗ୍ରୁପ ର ସମର୍ଥନରେ ସୁରଥକାଲ କ୍ୟାମ୍ପସ ଦୀର୍ଘସ୍ଥାୟୀ ପ୍ରୟାସ ସମୂହର ସମ୍ଭାବନା ଅନୁଧ୍ୟାନ ଦିଗରେ ଏନଆଇଟିକେ ସକ୍ରିୟ ଭାବେ କାର୍ଯ୍ୟ କରୁଥିବା ନେଇ ସୂଚନା ଦେଇଥିଲେ । ତେବେ ପାରାଦୀପ ରେ ପ୍ରତିଷ୍ଠା ହେବାକୁ ଯାଉଥିବା ଏହି ପ୍ରକଳ୍ପ ଅଭିଜ୍ଞତା କୁ ବ୍ୟାପକ ଆକାରରେ ପ୍ରୟୋଗ କରାଯିବା ସହ ଓଡ଼ିଶାର ସବୁଜ ଶକ୍ତି ଲକ୍ଷ୍ୟ କୁ ପୂରଣ କରାଯାଇପାରିବ ଏବଂ ଏହି ପ୍ରକଳ୍ପ ଛାତ୍ରଛାତ୍ରୀ, ଉଦୀୟମାନ ଉଦ୍ୟୋଗୀ ସମୂହ ଏବଂ ଅନ୍ୟ ସଂସ୍ଥା ମାନଙ୍କୁ ଅକ୍ଷୟ ଶକ୍ତିର ବିଶାଳ ସାମର୍ଥ୍ୟ ସୁଯୋଗ ନେବା ପାଇଁ ପ୍ରେରଣା ଦେବ ବୋଲି ପ୍ରଫେସର ରବି ଉଲ୍ଲେଖ କରିଥିଲେ ।

# ଶ୍ରୀ ଶ୍ରୀ ବୀରଭଦ୍ରେଶ୍ୱରକୁ ପର୍ଯ୍ୟଟନୀସ୍ଥଳୀ ମାନ୍ୟତା



ମାହାଙ୍ଗା, ୧୨।୨ (ନି.ପ୍ର) : କଟକ ଚାନ୍ଦବାଲି ମୁଖ୍ୟ ରାସ୍ତାର କଟିକଟା ଠାରୁ ୫କି.ମି., ନିଶ୍ଚିନ୍ତକୋଇଲି ଠାରୁ ୭କି.ମି ଦୂରତାରେ ଅବସ୍ଥିତ ପୂର୍ବ ମାହାଙ୍ଗାର ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ବୀରଭଦ୍ରେଶ୍ୱରକୁ ରାଜ୍ୟ ସରକାର ପର୍ଯ୍ୟଟନୀସ୍ଥଳୀର ମାନ୍ୟତା ପ୍ରଦାନ କରାଯାଇଛି । ସେହିଭଳି ମାହାଙ୍ଗା ନିର୍ବାଚନମଣ୍ଡଳୀର ମାହାଙ୍ଗା ବ୍ଲକର ବିନୋଦ ବିହାରୀ ମନ୍ଦିର, ଶ୍ରୀ ମାଣିକେଶ୍ୱରୀ ମନ୍ଦିର ଏବଂ ନିଶ୍ଚିନ୍ତକୋଇଲି ବ୍ଲକର ବଳଦେବଜୀୟୁ ମନ୍ଦିର ଓ ଦଧିବାମନଜୀୟୁ ମନ୍ଦିରକୁ ପର୍ଯ୍ୟଟନୀସ୍ଥଳୀର ମାନ୍ୟତା ପ୍ରଦାନ କରାଯାଇଛି । ଶ୍ରୀ ଶ୍ରୀ ବୀରଭଦ୍ରେଶ୍ୱର ମନ୍ଦିରକୁ ପର୍ଯ୍ୟଟନୀସ୍ଥଳୀର ମାନ୍ୟତା ପ୍ରଦାନ କରାଯାଇଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ମାହାଙ୍ଗାର ବିଧାୟକ ଶାରଦା ପ୍ରଧାନଙ୍କ ଉଦ୍ୟମକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । ଭଦ୍ରେଶ୍ୱର ଅଂଚଳର ଭରତ ଚନ୍ଦ୍ର ପ୍ରଧାନ, ଚୌ.ରମାକାନ୍ତ ପ୍ରହରାଜ, ଅଶୋକ କୁମାର ଦାସ, ପବିତ୍ରମୋହନ ପ୍ରଧାନ,ଚୌ. ତାରିଣୀ ପ୍ରହରାଜ, ପରିବେଶବିତ୍ ଅକ୍ଷୟ ଷଡ଼ଙ୍ଗୀ, ଭକ୍ତଚରଣ ସ୍ୱାଇଁ, ବିଶ୍ୱଭୂଷଣ ପ୍ରଧାନ, ପ୍ରଦ୍ୟୁମ୍ନ ବାରିକ, ପ୍ରମୋଦ କୁମାର ସାହୁ, ସୌମ୍ୟକାନ୍ତ ପ୍ରହରାଜ, ରତ୍ନାକର ପ୍ରଧାନ, ମାନସ ମହାନ୍ତି, ଜୁଲୁ ସୁତାର, ସଂଗ୍ରାମ ପ୍ରହରାଜ, ଖୁସିଦ୍ ଖାନ୍ ପ୍ରମୁଖ ରାଜ୍ୟର ମାନ୍ୟବର ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଏବଂ ମାହାଙ୍ଗା ବିଧାୟକଙ୍କର ଉଦ୍ୟମକୁ ସ୍ୱାଗତ କରିବା ସହ ବଧାଇ ଜଣାଇଛନ୍ତି । ବହୁ ପୂର୍ବରୁ ପୁରାତନ ତଥା ପୁରାଣ ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ବୀରଭଦ୍ରେଶ୍ୱର ମନ୍ଦିରକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପ୍ରଦାନ ପାଇଁ ଦାବି କରାଯାଉଥିଲା ତାହା ବର୍ତ୍ତମାନର ସରକାର ପୂରଣ କରିଛନ୍ତି ।

# ରାସ୍ତାର ଅବସ୍ଥା ଶୋଚନୀୟ : ତଦନ୍ତ ଦାବି



ମାହାଙ୍ଗା ୧୧.୨ : ଓଡ଼ିଶା ସରକାର ଗ୍ରାମ୍ୟଉନ୍ନୟନ ବିଭାଗ ଅଧିନରେ ମାହାଙ୍ଗା ବ୍ଲକର ମାହାଙ୍ଗା ପଂଚାୟତର ସାଇ ମନ୍ଦିର ଠାରୁ ଛତର ତୋଟା ଭାୟା କଏରପୁର,ଧାରପୁର,ରଘୁନାଥ ନଗର, ଉଷୁମା, ସଲରା,ପାଟପୁରକୁଳ,ମଲ୍ଲିପୁରା ସ୍ୱାଇଁସାହି ରାସ୍ତାର ଶୁଭଶିଳାନ୍ୟାସ ତା ୭.୩.୨୦୨୪ରିଖରେ ରଘୁନାଥ ନଗର ଠାରେ ପୂର୍ବତନ ମନ୍ତ୍ରୀ ତଥା ତତ୍କାଳୀନ ମାହାଙ୍ଗାର ବିଧାୟକ ପ୍ରତାପ ଜେନା ଶୁଭଶିଳାନ୍ୟାସ କରିଥିଲେ। ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହେବା ସହ ନିମ୍ନମାନର କାର୍ଯ୍ୟ କରାଯାଇଥିବାରୁ ଢ଼ଳେଇରାସ୍ତା ଗୁଡିକରୁ ଗୋଡି ଉଠିଲାଣି । ରାସ୍ତା କାର୍ଯ୍ୟ ଏକ ବର୍ଷ ପରେ ରାସ୍ତାର ଅବସ୍ଥା ଶୋଚନୀୟ ହେବାକୁ ବସିଲାଣି । ଠିକାଦାର ଓ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଭୂମିକାକୁ ଅସ୍ୱୀକାର କରାଯାଇ ନପାରେ । ମାହାଙ୍ଗା ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ରାସ୍ତାଘାଟ ନିର୍ମାଣ କରିଥିଲେ। ହେଲେ ରାସ୍ତା ତଦାରଖ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଅବହେଳାରୁ ବର୍ତ୍ତମାନ ମାହାଙ୍ଗା ବ୍ଲକର କୌଣସି ଗୋଟିଏ ମୁଖ୍ୟ ରାସ୍ତାର ଅବସ୍ଥା ଭଲ ନାହିଁ । ଏଣୁ ମାହାଙ୍ଗାର ବର୍ତ୍ତମାନର ବିଧାୟକ ଶାରଦା ପ୍ରସାଦ ପ୍ରଧାନ ତୁରନ୍ତ ଦୃଷ୍ଟି ଦେବାକୁ ବେଲେଶ୍ୱରୀ କୃଷକ ସଂଗଠନ ମାହାଙ୍ଗା ତରଫରୁ ଦାବି କରାଯାଇଛି ।

# ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ



ନବରଙ୍ଗପୁର ,୧୨।୨ (ନି.ପ୍ର) : ରାଜ୍ୟ ମହିଳା କମିଶନ ଙ୍କ ତରଫରୁ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଦ୍ୱାରା ଆଜି ନବରଙ୍ଗପୁର ସହର ସ୍ଥିତ ବୈଭବ କଲ୍ୟାଣ ମଣ୍ଡପ ଠାରେ ବ୍ଲକ ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଯ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଥିବା ଏହି ବ୍ଲକ ସ୍ତରୀୟ କର୍ମଶାଳାରେ ନବରଙ୍ଗପୁର ମାନ୍ୟବର ବିଧାୟକ ,ନବରଙ୍ଗପୁର ଗୌରୀ ଶଙ୍କର ମାଝି ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହି କର୍ମଶାଳାକୁ ଉଦଘାଟନ କରିଥିଲେ ଯ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବ୍ଲକ ସ୍ତରୀୟ କର୍ମଶାଳାରେ ବିଧାୟକ ଗୌରୀ ଶଙ୍କର ମାଝି ନିଜର ବକ୍ତବ୍ୟରେ ଭାରତୀୟ ସଂସ୍କୃତି ରେ ନାରୀ ମାନଙ୍କର ମହନୀୟତା କୁ ସ୍ମରଣ କରାଇବା ସହିତ ସାମ୍ବିଧାନିକ ବିଧିବ୍ୟବସ୍ଥାରେ ମହିଳା ମାନଙ୍କ ନିମନ୍ତେ ଅଧିକାର ଓ ନ୍ୟାୟ ଗୁଡିକ ଆଲୋଚନା କରିବା ସହିତ, ସମସ୍ତ ମହିଳାମାନଙ୍କୁ ଆଇନ ସଂଗତ ଅଧିକାର ଏବଂ ସଚେତନ ଉପରେ ଗୁରୁ ଆରୋପ କରିଥିଲେ ଯ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ନାୟକ ନିଜର ବକ୍ତବ୍ୟରେ ଭାରତୀୟ ସଂସ୍କୃତି ରେ ଲକ୍ଷ୍ମୀ ସରସ୍ୱତୀ ଓ ଦୂର୍ଗା ଙ୍କ ମହିମା ଉପରେ ଆଲୋକପାତ କରିବା ସହିତ ମହିଳା ମାନେ ନିଜକୁ ଦୁର୍ବଳା ବୋଲି ନିଜକୁ ନଭାବି ପରିବାର ରୁ ରାଷ୍ଟ୍ର ପର୍ଯ୍ୟନ୍ତ ନେତୃ ନେବାକୁ ଆହ୍ୱାନ ଦେଇଥିଲେ ଯମହିଳା ଅଧିକାର ଆଇନ ବିଶେଷଜ୍ଞ ଭାବରେ ଯୋଗଦେଇ ଆଡଭୋକେଟ କିଶୋରୀ ପଟ୍ଟନାୟକ ଓ ଆକ୍ସନଏଡ ର ଜିଲ୍ଲା ପରାମର୍ଶ ଦାତା ଫକିର ଚରଣ ରାଉତ ମହିଳା ମାନଙ୍କ ସୁରକ୍ଷା ନିମନ୍ତେ ଥିବା ଲିଙ୍ଗ ଭ୍ରୁଣ ନିରୂପଣ ନିବାରଣ ଆଇନ, ବାଲ୍ୟ ବିବାହ ନିଷେଦ୍ଧ ଆଇନ, ଯୌତୁକ ନିବାରଣ ଆଇନ , କର୍ମ ସ୍ଥଳରେ ମହିଳାଙ୍କୁ ଯୌନ ଶୋଷଣ ନିବାରଣ ଆଇନ ,ଘରୋଇ ହିଂସା ନିବାରଣ ଆଇନ, ଡାହାଣୀ ନିବାରଣ ଆଇନ ଓ ମହିଳା ଚାଲାଣ ଆଇନ ଉପରେ ବିଷଦ ଭାବରେ ଆଲୋଚନା କରିବା ସହିତ, ମହିଳା ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ବିଷୟରେ ଉପସ୍ଥିତ ମହିଳା ମାନଙ୍କୁ ବୁଝାଇ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର , ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆଦିତ୍ୟ ସେନ ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା , ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସମରେଶ ମହାନ୍ତି ,ପ୍ରୋଗ୍ରାମ ଅଫିସର ପୁଷ୍ପା ପଟ୍ଟନାୟକ , କାଉନସେଲର ଶର୍ମିଷ୍ଠା ଦେଓ, ନଗେନ୍ଦ୍ର ପଟ୍ଟନାୟକ , ସୁପର ଭାଇଜର ରଶ୍ମିପ୍ରଭା ପାଣିଗ୍ରାହୀ , ସୁଶ୍ରୀ ରେଖା ତ୍ରିପାଠୀ ,ବୈଶାଖି ସାମଲ , ଆରତୀ ନଳିନୀ ନନ୍ଦ ,ୱାନଷ୍ଟପ ସେଣ୍ଟର ପକ୍ଷରୁ ରଞ୍ଜିତା ସାହୁ ଶକ୍ତିସଦନର ପ୍ରତିନିଧି ଏମେ ଅନିତା କୁମାରୀ, ମନରମା ମାଝି ପ୍ରମୁଖ୍ୟ ବକ୍ତା ମାନେ ସମାଜରେ ମହିଳା ମାନେ ସେମାନଙ୍କ ଜୀବନରେ ଯେଉଁ ସବୁ ସମସ୍ୟାର ସମ୍ମୁଖୀନ୍ନ ହେଉଛନ୍ତି ତାହାକୁ ଦୃଢ ଭାବରେ ମୁକାବିଲା କରି ଆଗକୁ ଚାଲିବା ସହିତ , ସେମାନଙ୍କର ମାନବିକ ଅଧିକାରକୁ ଅକ୍ଷୁଣ୍ଣ ରଖିବା ,ସମସ୍ତ ଶିଶୁ କନ୍ୟା ମାନେ ଯେପରି ସମାନ ଭାବରେ ଶିକ୍ଷା ପାଇପାରିବେ ଏହି ସବୁ ବିଷୟରେ ଆଲୋଚନା କରିଥିଲେ ଯ ସିଡିପିଓ ମିନତୀ ଦାସ କର୍ମଶାଳାର ଉଦେଶ୍ୟ ଜ୍ଞାମ୍ପନ କରିଥିବା ବେଳେ ସୁପର ଭାଇଜର ସୁଶ୍ରୀ ରେଖା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ୪ଟି କ୍ରୋମାଇଟ୍ ଟ୍ରକ୍ ଜବତ

ପାରାଦୀପ,୧୨।୨ (ନି.ପ୍ର) : ଯାଜପୁର ଜିଲ୍ଲା କାଳିଆପାଣି ମାଇନ୍ସ ଅଂଚଳରୁ ପ୍ରତ୍ୟେକ ଦିନ କ୍ରୋମାଇଟ୍ ବୋଝେଇ ଟ୍ରକ୍ ପାରାଦୀପ ବନ୍ଦରକୁ ଆସିଥାଏ । ପାରାଦୀପ ବନ୍ଦରରେ କ୍ରୋମାଇଟ୍ ଖଲାସ କରି ଫେରିଥାଏ । ଟ୍ରକ୍‌ରେ ନାମକୁ ମାତ୍ର କ୍ରୋମାଇଟ୍ ରଖି ତଳେ ମାଟି ଭର୍ତ୍ତି କରି ପାରାଦୀପକୁ ଆଣିବା ଘଟଣା ଏବେ ଚର୍ଚ୍ଚାକୁ ଆସିଛି । ଏହି ଗାଡି ଗୁଡିକୁ ସିଆଇଏସଏଫ ପାରାଦୀପ ୟୁନିଟ୍ ଏହି ସମ୍ପର୍କରେ ଜାଣିବା ପରେ ଓଆର-୦୯-ଇ-୩୫୯୭, ଓଆର-୦୯-ସି-୪୪୮୮, ଓଆର-୦୯-ଇ-୯୫୧୯,ଓଆର-୦୯-ଇ-୫୯୮୧, ଓଆର-୦୯-ଏଫ-୯୦୩୫ ନମ୍ବର ବିଶିଷ୍ଟ ଟ୍ରକ୍ ଗୁଡିକରେ କ୍ରୋମାଇଟ୍ କାଳିଆପାଣି ମାଇନ୍ସରୁ ପାରାଦୀପ ଆସୁଥିଲେ । ଗାଡି ଗୁଡିକ ଉପରେ ମାଇନିଂ ବିଭାଗ ସ୍ୱତନ୍ତ୍ର ଭାବେ ନଜର ରଖିଥିଲେ । ଏହି ୫ଟି ଟ୍ରକ୍ ଚଣ୍ଡିଖୋଲ ନିକଟରୁ ପାରାଦୀପ ନଯାଇ ଜାରକା ଯାଇଥିଲେ । ଏହା ଜାଣିବା ପରେ ମାଇନିଂ ବିଭାଗର ସ୍ୱତନ୍ତ୍ର ଟିମ୍ ସେଠାରେ ପହଂଚି ତଦନ୍ତ କରିବା ପରେ ଉକ୍ତ ଗାଡିଗୁଡିକ ଜାରକାରେ କ୍ରୋମାଇଟ୍ କାଢି ସେଥିରେ ମାଟି ମିଶାଇ ଥିବା ସୂଚନା ପାଇଥିଲେ । ଜାରକାର ମୂଳପାଳ ଓ ବ୍ରିଜ୍ ନିକଟରେ କ୍ରୋମାଇଟ୍ କଢାଯାଇଥିବାର ପୁରା ସୂଚନା ମିଳିଥିଲା । ଏହି ସୂଚନା ମିଳିବା ପରେ ମାଇନିଂ ବିଭାଗ ଏହି ୫ଟି ଟ୍ରକ୍‌କୁ ଜବତ କରିବା ପାଇଁ ସିଆଇଏସଏଫ ପାରାଦୀପ ୟୁନିଟ୍‌କୁ ନିର୍ଦ୍ଦେଶ ଦେଇଥିଲେ । ଟ୍ରକ୍ ପାରାଦୀପରେ ପହଂଚିବା ପରେ ପ୍ରତ୍ୟେକ ଗାଡିରୁ ୯ଟନ୍ କ୍ରୋମାଇଟ୍ କଢାଯାଇ ୯ଟନ୍ ମାଟି ବୋଝେଇ ହେବା ପରେ ଉପରେ ୨ଟନ୍ କ୍ରୋମାଇଟ୍ ବୋଝେଇ ହୋଇଥିବା ନେଇ ସୂଚନା ମିଳିଛି । ସିଆଇଏସଏଫ ପାରାଦୀପ ୟୁନିଟ୍ ୪ଗୋଟି ଟ୍ରକ୍‌କୁ ଜବତ କରି ପୋଲିସ୍‌କୁ ହସ୍ତାନ୍ତରିତ କରାଯାଇଥିବା ଜଣାପଡିଛି । ଜବତ ହେବା ପରେ ଟ୍ରକ୍ ଗୁଡିକର ଡ୍ରାଇଭରମାନେ ଫେରାର ହୋଇଯାଇଛନ୍ତି । ଗାଡି ଗୁଡିକୁ ପାରାଦୀପ ଆଦର୍ଶ ଥାନା ଜବତ କରି ତଦନ୍ତ ଆରମ୍ଭ କରିଥିବା ଜଣା ପଡିଛି ।

# ମାଁ ଦ୍ୱାରସେନି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

ବଙ୍ଗୋମୁଣ୍ଡା,୧୨।୨ (ନି.ପ୍ର) : ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ କପିଳାଭଟା ପଞ୍ଚାୟତ ବରତୁଣ୍ଡା ଗାଁ ରେ ମାଁ ଦ୍ୱାରସେନି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି ଯ ଏଥିରେ ବରତୁଣ୍ଡା ଗାଁ ର ଝାଙ୍କର ଅମୃତ ଭୋଇ ପୂଜାର୍ଚ୍ଚନା କରିଥିଲେଯ ଆୟୋଜିତ ଉଦଘାଟନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଦୁର୍ଦ୍ଦକ୍ଷ ହଂସ, ବିଶେଷ ଅତିଥି ଭାବେ ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘ ର ସମ୍ପାଦକ ହୁଲେଶ୍ୱର ହଂସ, ସମ୍ମାନୀୟ ଅତିଥି ଭାବେ କପିଳାଭଟା ପଞ୍ଚାୟତ ର ସମିତି ସଭ୍ୟ କେଦାର ଭୋଇ, ବସନ୍ତ ରାଉତ, ଅଭିରାମ ସୁଲିଆ,ନାଏବ ସରପଞ୍ଚ ଝସକେତନ ସାହୁ, ଶୁଭାକର ନାଗ, ତେଜରାଜ ଭୋଇ, ତରଣୀ ନାଗ ପରମେଶ୍ୱର ମହାନନ୍ଦ,ଧର୍ମେନ୍ଦ୍ର ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଯଉଦଘାଟନୀ ମ୍ୟାଚ ରେ ସନ୍ଧିସର ଓ ସିନ୍ଧିଭାଡ଼ି ଦଳ ମଧ୍ୟରେ ଖେଳ ହୋଇଥିବା ବେଳେ ସିନ୍ଧିଭାଡ଼ି ଦଳ କୁ ପରାସ୍ତ କରି ସନ୍ଧିସର ଦଳ ବିଜୟୀ ହୋଇଛି ଯ ନବୀନ ପୁଟେଲ ଓ ରମେଶ ନାଗ ଖେଳ ପରିଚାଳନା କରିଥିଲେ ଯ ଆୟୋଜକ କମିଟି ର ଆଶିଷ ଯାନୀ, ଅଙ୍କିତ ରାଉତ, ଯୋଗିନ ଭୋଇ, ମହେଶ୍ୱର ପୁଟେଲ, ଇନ୍ଦ୍ର ଭୋଇ, ଡୋଲେଶ୍ୱର ଭୋଇ,ମକରଧ୍ୱଜ ନାଗ,ପ୍ରତାପ ନାଗ ପ୍ରମୁଖ ସହ ଆୟୋଜକ କମିଟି ର ସମସ୍ତ ସଦସ୍ୟ ମାନେ ସହଯୋଗ କରିଥିଲେ ଆନ ନେବା ପାଇଁ ସମସ୍ତ ରାଉରେକେଲା ବାସୀଙ୍କୁ ଉନୁରୋଧ କରାଯାଉଛି ।

